# ବିଭିନ୍ନ ଶୈବପୀଠରେ ନୀଳପର୍ବ ସମ୍ପନ୍ନ



ବାଲିଆପାଳ, ୧୧।୪(ସମିସ): ଚନ୍ଦନେଶ୍ୱର ମହାଦେବଙ୍କ ରୀତିନୀତି ଅନୁଯାଇ ବାଲିଆପାଳ ବ୍ଲକର ବିଭିନ୍ନ ଶୈବ ପୀଠରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ ଆଜି ନୀଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ମହାଆଡମ୍ବର ସହକାରେ ଥମ୍ବିକାଠ ଉଠାଯାଇଛି। ବାଲିଆପାଳ ବ୍ଲକର ଖଗଡେଶ୍ୱର, ଜଗାଇ ସ୍ଥିତ ନାଭଡେଶ୍ୱର, ଚାନ୍ଦମଣି ସ୍ଥିତ କାମେଶ୍ୱର, ଜାଠିଆ ଶୈବ ପୀଠ, କୁଶୁଡିହା ପ୍ରଭୃତି ଶୈବ ପୀଠରେ ଗତ ୩୧ ତାରିଖ ଠାରୁ ତେର ଅର୍ଘ୍ୟ, ପାଞ୍ଚ ଅର୍ଘ୍ୟ ଏବଂ ତିନି ଅର୍ଘ୍ୟରେ ଶତାଧିକ ଭକ୍ତ ବ୍ରତ ଧାରଣ କରିଆସୁଛନ୍ତି। ବାଲିଆପାଳର ପ୍ରସିଦ୍ଧ ଖଗଡେଶ୍ୱର ଶୈବ ପୀରେ ମଙ୍ଗଳବାର ମହାଦେବଙ୍କ କାମିନା ବିବାହ ଯାକଜକମରେ ପାଳିତ ହୋଇଥିଲା ବେଳେ ଆଜି ନିଳଉତ୍ସବରେ ଏହି ମନ୍ଦିର ଗୁଡିକ ସକାଳୁଠାରୁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ବ୍ରତ ଧାରଣ କରିବା ସହିତ ମହାଦେବଙ୍କ ଉପରେ ପଇଡ, କ୍ଷୀରଭିଷେକ ସାଙ୍ଗକୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ବହୁ ମାନସିକଧାରୀ ଭକ୍ତ ମାନସିକ ଅନୁଯାୟୀ ହାକାଣ୍ଡପୋଖରୀ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ଟାଣ ଖରାରେ ଦଣ୍ଡମାରୁଥିବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ବ୍ରତଧାରଣ କରିଥିବା ଭକ୍ତମାନେ ସଭାଜଣାଣରେ ସାମିଲ ହୋଇଥିଲେ। ଖଗଡେଶ୍ୱର ପୀଠରେ ଶ୍ରୀବେକିଡି ଭକ୍ତ ପ୍ରଭାସ ସାହୁ ଦାସୀ ପଡ଼ିବା ପରେ ନୀଳ ପୋଖରୀରୁ ଭକ୍ତମାନେ ଥମ୍ବିକାଠକୁ ଖୋଜିଥିଲେ। ପରେ ଏହି ଥମ୍ବିକାଠକୁ ଭକ୍ତ ମାନେ ବାଦ୍ୟର ତାଳେ ତାଳେ କାନ୍ଧରେ ରଖି ନାଚିନାଚି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଏହି ପୀଠରେ ପାଟଭକ୍ତା ଭାବେ ପଦ୍ମଲୋଚନ ସାହୁ, ପୂଜକ ଜିତେନ୍ଦ୍ର ନାଥ ପାଠୀ ରହିଥିବା ବେଳେ ସମସ୍ତ ଗ୍ରାମ୍ୟକମିଟି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏହିସବୁ ପୀଠରେ ଏହି ନୀଳ ପର୍ବ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନତାଙ୍କ ସମାଗମ ହୋଇଥିଲା। ଆସନ୍ତାକାଲି ଏହି ସବୁ ମଣ୍ଡପରେ ପାଟ ପର୍ବ ଓ ମାଳାଚନ୍ଦିନୀ ଅନୁଷ୍ଠିତ ହେବ।

## ଜେଏଏସ୍ଏସ୍ ଫୁଟବଲ: ଦେଉଳା ଚାମ୍ପିଅନ



ଲଙ୍ଗଳେଶ୍ୱର, ୧୧।୪(ସମିସ): ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଲଙ୍ଗଳେଶ୍ୱର ଗ୍ରାମର ତାଲେଘୁଟୁ ଆଦିବାସୀ ସାହି ପଡ଼ିଆ ଠାରେ ଜେ.ଏ.ଏସ.ଏସ ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବସ୍ତା ଦଳକୁ ହରାଇ ଦେଉଳା ଦଳ ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀ ବିଜେଡିର ବିଧାୟିକା ପ୍ରାର୍ଥୀ ସୁବାସିନୀ ଜେନା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଯୁବ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଯାପନୀ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଜେନା, ବଣିଆଡ଼ିହାର ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ପଞ୍ଚାୟତ ସମିତିସଭ୍ୟ କଟି ମାରାଣ୍ଡି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ସାମଲ, ରାଜ୍ୟ ପରିଷଦ ସଦସ୍ୟା, ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରା, ମଙ୍ଗଳ ହେମ୍ବ୍ରମ୍, ସୁନାରାମ ମାରାଣ୍ଡି, ଭଜହରି ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଜେ.ଏ.ଏସ.ଏସ କ୍ଲବ୍ ର କାର୍ତ୍ତିକ ବେଶ୍ରା, ବିକ୍ରମ ମାରାଣ୍ଡି, କେଦାରନାଥ ମୁର୍ମୁ, ଚନ୍ଦନ ମାରାଣ୍ଡି, ବିଜୟ ବେଶ୍ରା, ଶିବଶଙ୍କର ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

### ଚୈତ୍ର ନବରାତ୍ରର ତୃତୀୟ ଦିବସ

## ମା' ବଗଳାମୁଖୀଙ୍କ 'ଚନ୍ଦ୍ରଘଣ୍ଟା' ସ୍ୱରୂପ



ବାଲେଶ୍ୱର, ୧୧।୪(ସମିସ): ଦୁର୍ଗତି ନାଶିନୀ ମା'ଦୁର୍ଗାଙ୍କର ବାସନ୍ତୀକ ପୂଜା ଅବସରରେ ଚୈତ୍ର ମାସ ଶୁକ୍ଳ ପ୍ରତିପଦ ତିଥି ଠାରୁ ଶକ୍ତିପୀଠଗୁଡିକରେ ଆରମ୍ଭ ହୋଇଛି ଶକ୍ତିସ୍ୱରୂପିଣୀ ମା'ଙ୍କର ନବରାତ୍ର ପୂଜା। ବାଲେଶ୍ୱର ସହର ଉପକଣ୍ଠ ତାମୂଳିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଚାଲିଛି ନବରାତ୍ର ପୂଜା। ପ୍ରଥମ ଦିବସରେ ମା'ଙ୍କୁ ହିମାଳୟ ରାଜାଙ୍କ କନ୍ୟା ରୂପେ 'ଶୈଳପୁତ୍ରୀ' ଓ ଦ୍ୱିତୀୟ ଦିବସରେ ତପ, ତ୍ୟାଗ ଓ ଶକ୍ତିର ଦେବୀ 'ବ୍ରହ୍ମଚାରିଣୀ' ସ୍ୱରୂପରେ ଅର୍ଚ୍ଚନ କରାଯାଇଥିଲା। ତୃତୀୟ ଦିବସରେ ମା'ପାର୍ବତୀଙ୍କ ବିବାହିତ ଅବତାର 'ଚନ୍ଦ୍ରଘଣ୍ଟା'ଙ୍କ ପୂଜା କରାଯାଇଛି। ଏହି ସ୍ୱରୂପରେ ମା'ଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା ବୋଲି କୁହାଯାଏ। ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତିରେ ମା'ଙ୍କ ନବରାତ୍ର ପୂଜା ସମ୍ପନ୍ନ ହେବ।

## ଆଦିବାସୀ ନୃତ୍ୟଗୁରୁ ହାଡିବନ୍ଧୁ ସିଂଙ୍କ ପତ୍ନୀ ବିୟୋଗ

ବାଲେଶ୍ୱର/ନୀଳଗିରି, ୧୧।୪(ସମିସ): ଭୂମିଜ ଆଦିବାସୀ ନୃତ୍ୟ ଗୁରୁ ହାଡିବନ୍ଧୁ ସିଂଙ୍କ ପତ୍ନୀ ନୀରମଣି ସିଂ(୬୦)ଙ୍କ ବିୟୋଗ ହୋଇଯାଇଛି। ନୀରମଣି କିଡନୀ ଜନିତ ରୋଗରେ ପୀଡିତ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଚିକିତ୍ସିତ ହେବା ସମୟରେ ଆଜି ସକାଳେ ମୃତ୍ୟୁବରଣ କରିଛନ୍ତି। ବାସସ୍ଥାନ ମହିଷାପଟାରେ ନୀରମଣିଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଜଳେଶ୍ୱର ବ୍ଲକ, ୧୧।୪ (ସମିସ) : ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନରେ ନୂଆ ବଜାର ମୂରଲୀ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା ସମୀର ପାତ୍ର ସଭାପତିତ୍ୱ କରିଥିଲେ।ଅନ୍ୟ ନେତୃତ୍ୱ ଓ କାର୍ଯ୍ୟ କର୍ତ୍ତା ମଧ୍ୟରେ ବରିଷ୍ଠ ବିଜେପି ନେତା ପ୍ରବିର କୁମାର ପ୍ରଧାନ, ଆଇନଜୀବି ଶାନ୍ତନୁ ପଟ୍ଟନାୟକ, ଯୁବ ନେତା ଦିବ୍ୟକାମ ମହାନ୍ତି, ଇଂ. ପରାମାନନ୍ଦ ମହାପାତ୍ର, ସମାଜସେବୀ ସଂଗ୍ରାମ ପରିଡ଼ା, ପ୍ରବଣ ପଣ୍ଡା, ସରପଞ୍ଚ ରଞ୍ଜନ ମହାନ୍ତି, ଜ୍ୟୋତିର୍ମୟ ନନ୍ଦ, ତନ୍ମୟ ଚାନ୍ଦ ପ୍ରମୁଖ ଉପସ୍ଥିତ ହୋଇ ଚଳିତ ନିର୍ବାଚନରେ ଦଳର ଆଭିମୁଖ୍ୟ ଓ କର୍ମ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।ଶେଷରେ ମନୋଜ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ସାଂଗଠନିକ ବୈଠକ



ଜଳେଶ୍ୱର, ୧୧।୪ (ସମିସ): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନଛିମପୁର ପଞ୍ଚାୟତ ସ୍ଥିତ ଦିନେଶ ଜେନାଙ୍କ ଫାର୍ମ ହାଉସରେ ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୁଧବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ବରିଷ୍ଠ ବିଜେଡ଼ି ନେତା ଯଜ୍ଞେଶ୍ୱର ଦତ୍ତ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱନୀ କୁମାର ପାତ୍ର ଯୋଗଦେଇ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ସହିତ ନବୀନ ସରକାରଙ୍କ ପ୍ରଣୀତ ସମସ୍ତ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟ ନେତୃତ୍ୱଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବରିଷ୍ଠ ବିଜେଡି ନେତା ଲେଲିନ କୁମାର ପ୍ରଧାନ, ବିଜେଡି ଯୁବ ସଭାପତି ବିଶ୍ୱଜିତ ପାଳ, ଗୋବରଘାଟା ବିଜେଡି ସଭାପତି ସୂର୍ଯ୍ୟାନନ୍ଦ ପାଳ, ଜୟନ୍ତ ଦେ, ପ୍ରଦୀପ ପ୍ରଧାନ, ସୌରେନ୍ଦ୍ର ଦେ, ଅମୂଲ୍ୟ ପାତ୍ର, ଭୂପତି ସେନାପତି, ବସନ୍ତ ପ୍ରଧାନ ପ୍ରମୁଖ ବହୁ କର୍ମୀଙ୍କୁ ନିର୍ବାଚନ ସମ୍ପର୍କିତ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ। ପଞ୍ଚାୟତର ଦଳୀୟ ପ୍ରମୁଖ କର୍ମକର୍ତ୍ତାଙ୍କ ମଧ୍ୟରେ ସୁଧାଂଶୁ ପ୍ରଧାନ, ଅଭିମନ୍ୟୁ ସେଣ, ହରିଶ ସେଠୀ, କାର୍ତ୍ତିକ ପ୍ରଧାନ, ମଧୁସୂଦନ ଜେନା, ଅଧିର ହୁଇ, ଝାଡେଶ୍ୱର ଦାସ, ସଞ୍ଜୀବ ମହାନ୍ତି, ରାଧା ଗୋବିନ୍ଦ ଜେନା, ବାବୁଲି ପାତ୍ର, ନନୀ ଗୋପାଳ ଭୂୟାଁ, ବଂଶୀଧର ସେଠୀ, ଅଶୋକ ଦାସ ପ୍ରମୁଖ ଅଶ୍ୱନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଅଞ୍ଚଳର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ନିର୍ବାଚନ ଉପଲକ୍ଷେ ପଞ୍ଚାୟତ କର୍ମକର୍ତ୍ତା ଚୟନ କରା ଯାଇଥିଲା। ଦିନେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଚନ୍ଦନେଶ୍ୱର ଚଡ଼କ ମେଳାରେ ଭିକ୍ଷୁକ



ଚଡ଼କ ମେଳାରେ ବାବା ଚନ୍ଦନେଶ୍ୱର ତୈଳଚିତ୍ର ବିକ୍ରି

## ଚଡ଼କ ମେଳାରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର

ଚନ୍ଦନେଶ୍ୱର, ୧୧।୪(ସମିସ): ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ମେଳା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେଥିପାଇଁ ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜଗନ୍ନାଥ ପୁର ବିକାଶ ମଞ୍ଚର ସହଯୋଗରେ ଆମ୍ରି ହସ୍ପିଟାଲ ଭୁବନେଶ୍ୱର ତରଫରୁ ଗୁରୁବାର ମହାନୀଳ ପର୍ବ ୨ୟ ଅର୍ଘ୍ୟର ସନ୍ଧ୍ୟା ସୁଦ୍ଧା ୩ହଜାରରୁ ଅଧିକ ଅସ୍ଥାୟୀ ଚିକିତ୍ସାଳୟରୁ ଚିକିତ୍ସିତ ହୋଇଥିବାବେଳେ ୧୫ ଗୁରୁତରଙ୍କୁ ପଶ୍ଚିମବଙ୍ଗର ଦୀଘା ହସପିଟାଲ ଓ ଜଳେଶ୍ୱରପୂର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ପ୍ରକାଶ କରିଛନ୍ତି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଲାଗି ଆବଶ୍ୟକ ପରିମାଣର ଓଆରଏସ ଏବଂ ଔଷଧ ମହଜୁଦ ରଖାଯିବା ସହିତ ୩ଟି ଆମ୍ବୁଲାନ୍ସ ମହଜୁଦ ରଖାଯାଇଛି। ଏହାଛଡ଼ା ଗାଜିପୁର ମଠବାଡ଼ି ପରିସରରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଖୋଲାଯାଇଛି। ମନ୍ଦିରର ମୁଖ୍ୟ ଦ୍ୱାର ସମ୍ମୁଖରେ ସନ୍ଧ୍ୟାରେ ମଧ୍ୟ ଏହି ସ୍ୱାସ୍ଥ୍ୟ ଶିବିର ଖୋଲାଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ୧୫ ଜଣ ଡାକ୍ତର, ୮ ଜଣ ଆୟୁଷ ଡାକ୍ତର, ୩୦ ଜଣ ଫାର୍ମାସିଷ୍ଟ, ନର୍ସ ଓ ୮ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିୟୋଜିତ ହୋଇ ସେବା ଦେଉଥିବା କଥା ଡାକ୍ତର ଶ୍ରୀ ଜେନା କହିଛନ୍ତି। ସାଗରସାଥୀ ସ୍ୱେଚ୍ଛାସେବୀ ସଙ୍ଗଠନର ଶତାଧିକ ସ୍ୱେଚ୍ଛାସେବୀ, ଭଟ୍ଟପୁର ଚଣ୍ଡୀମାତା କ୍ଲବ, ଆଦି ସ୍ୱେଚ୍ଛାସେବୀ ସଙ୍ଗଠନର ପୂର୍ଣ୍ଣ ସହଯୋଗ କ୍ରମେ ଅସୁସ୍ଥ ମାନଙ୍କୁ ଭିଡ଼ ମଧ୍ୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ପହଞ୍ଚାଇବା ଦେଖିବାକୁ ମିଳିଥିଲା।



## ବିଦ୍ୟା ମନ୍ଦିର ବିବାଦରେ ଛାତ୍ରଛାତ୍ରୀ ହନ୍ତସନ୍ତ

ବଳରାମପୁର, ୧୧।୪(ସମିସ) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ୟାକୁ ନେଇ ଗୁରୁବାର ଖପରାପଦା କ୍ଷୀରୋଦା ବିହାର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସମସ୍ୟା ଗୁଡ଼ିକ ହେଉଛି ପୂର୍ବତନ ପରିଚାଳନା ସମିତିକୁ ତା'ର ବେଆଇନ କାର୍ଯ୍ୟ ପାଇଁ ଓଡ଼ିଶା ଶିକ୍ଷା ବିକାଶ ସମିତି ଗତ ୨୩ ତାରିଖ ଦିନ ଭଙ୍ଗ କରିଥିବା ବେଳେ ତାହାକୁ ସେମାନେ ବେଖାତିର କରି ଶିଶୁ ବିଦ୍ୟା ମନ୍ଦିରକୁ ନିଜ ଅକ୍ତିଆରରେ ରଖିଛନ୍ତି। କୌଣସି ଅନୁମତି ନ ନେଇ ବେଆଇନ ଭାବେ ଶିଶୁ ମନ୍ଦିରର ନାମ ଓ ପାଠ୍ୟ ଖସଡ଼ାକୁ ପରିବର୍ତ୍ତନ କରାଯାଇଛି। ନୂଆ ପ୍ରଶାସନିକ କମିଟିକୁ କାର୍ଯ୍ୟ କରିବାକୁ ନ ଦେବା। ଛାତ୍ର ଅଭିଭାବକଙ୍କୁ ଅନ୍ଧାରରେ ରଖି ବେଆଇନ ଭାବେ ଛାତ୍ରଛାତ୍ରୀଙ୍କୁ ପ୍ରବେଶ ଓ ପୁନଃ ପ୍ରବେଶ କରାଇବା। ଶିକ୍ଷା ବିକାଶ ସମିତି ଦ୍ୱାରା ନିଯୁକ୍ତ ପ୍ରଧାନ ଆଚାର୍ଯ୍ୟଙ୍କ ନାମରେ ମିଥ୍ୟା ମକଦ୍ଦମା କରିବା। ଏ ନେଇ ପ୍ରଶାସନିକ କମିଟି ଓ ଓଡ଼ିଶା ଶିକ୍ଷା ବିକାଶ ସମିତି, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବସ୍ତା ଏସ ଡି ପି ଓ, ବାଲିଆପାଳ ଥାନାଧିକାରୀ, ତହସିଲଦାର ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇ ଥିଲେ ବି କୌଣସି ସୁଫଳ ନ ମିଳିବାରୁ ଏହି ସାମ୍ବାଦିକ ସମ୍ମିଳନୀ ହୋଇଥିବା କମିଟି ପ୍ରକାଶ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନିକ କମିଟି ମୁଖ୍ୟ ଭାସ୍କର ଚନ୍ଦ୍ର ସାହୁ, ଅଦ୍ୱୈତ କୁମାର ବାଗ, ସୁଜାତା ରାଣୀ ଦାସ, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଅଭିଭାବକ ଓ କେତେ ଜଣ ଗୁରୁଜୀ ଗୁରୁମା ମଧ୍ୟ ସେମାନଙ୍କର ମତ ରଖିଥିଲେ। ଆଗାମୀ ଦିନରେ ଏନେଇ ପ୍ରଶାସନିକ କମିଟି ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟକୁ ଯିବେ ବୋଲି ମଧ୍ୟ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।




## ବାଲିଆପାଳରେ ପବିତ୍ର ଇଦ୍ ପର୍ବ ପାଳିତ



ବଳରାମପୁର/ବାଲିଆପାଳ, ୧୧।୪(ସମିସ): ସାରା ଭାରତ ବର୍ଷରେ ଇସଲାମ ଧର୍ମ ପକ୍ଷରୁ ଇଦ୍ ପର୍ବ ପାଳିତ ହୋଇଛି। ଦୀର୍ଘ ଏକମାସ ଧରି ରୋଜା ଅର୍ଥାତ ଉପବାସ ରଖିଥିବା ସମସ୍ତ ମୁସଲମାନ ସମ୍ପ୍ରଦାୟର ଭାଇ ଭଉଣୀମାନେ ଏହି ଭାଇଚାରା ଓ ଖୁସିର ପର୍ବ ଇଦ୍‌କୁ ହର୍ଷଉଲ୍ଲାସର ସହ ପାଳନ କରିଛନ୍ତି। ଏନେଇ ଚଳଚଞ୍ଚଳ ହୋଇ ଉଠିଥିଲା ବାଲିଆପାଳର ସମସ୍ତ ମସଜିଦ୍। ଦରଘା ମୈଦାନ କଟୁଆପଡ଼ାସ୍ଥିତ ମସଜିଦରେ ସକାଳୁ ମୁସଲମାନ ଭାଇମାନେ ସମୂହ ଏକ ସ୍ୱରରେ ନମାଜ ପାଠ କରିବା ସହିତ ପରସ୍ପରକୁ ଇଦ୍ ମୁବାରକ ଜଣାଇ ପରସ୍ପର ଭିତରେ ବନ୍ଧୁତ୍ୱଭାବ ବଜାୟ ରଖିବାକୁ ସହମତି ପ୍ରକାଶ କରିଛନ୍ତି। ମୌଲାନା ସେରଫୁକ ହାକ, ଗୋଲାମୀ ସରବର, ଇତିହାସ ସାହା, ସରବୁଦ୍ଦିନ୍ ସାହା, ଜୁମା ସାହା, ସେକ୍ ବୁଲୁ, ସେକ୍ ଜହର, ସେକ୍ କରିମ୍, ଇସ୍ରାଏଲ ଶାହା, ସେକ୍ ଇବ୍ରହିମ୍, ସଲ୍ଲିପ୍ ସାହା, ସେକ୍ ସାହାଜାନ୍ ସେକ୍ ହରବୁଲା ପ୍ରମୁଖ ଯୋଗଦେଇ ଏହି ପବିତ୍ର ଇଦ ପର୍ବକୁ ବିଧିବଦ୍ଧ ଭାବେ ସମ୍ପାଦନ କରିଥିଲେ।

## ପିଲା ଚୋରକୁ ଧରି ପୁଲିସ ଜିମା

ସୋର, ୧୧।୪(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଷ୍ଟେସନଛକ ନିକଟରୁ ଜଣେ ପିଲାଚୋରକୁ ଧରି ସ୍ଥାନୀୟ ଲୋକେ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ସୋର ଥାନା ଅନ୍ତର୍ଗତ ରଘୁନାଥପୁର ଗଞ୍ଜ ଗ୍ରାମର ହୃଷିକେଶ ମାସନ୍ତ ଏହି ସ୍ଥାନରେ ଏକ ଷ୍ଟେସନାରୀ ଦୋକାନ କରିଛନ୍ତି। ଦୋକାନରେ ତାଙ୍କ ସ୍ତ୍ରୀ ଏବଂ ୯ ବର୍ଷର ଶିଶୁକନ୍ୟା ରୁହନ୍ତି। ଆଜି ସନ୍ଧ୍ୟାରେ ଦୋକାନ ଭିଡ଼ଥିବାର ସୁଯୋଗନେଇ ଜଣେ ଅଣ ଓଡ଼ିଆ ଯୁବକ ଦୋକାନ ନିକଟରେ ପହଞ୍ଚି ଶିଶୁକନ୍ୟାକୁ ପ୍ରଲୋଭନ ଦେଖାଇ ଜବରଦସ୍ତ ନେଇଯାଉଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇ ଶିଶୁକନ୍ୟାକୁ ଉଦ୍ଧାର କରିବା ସହିତ ଯୁବକକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।



## ଆଦର୍ଶ ଶିକ୍ଷକଙ୍କ ପରଲୋକ

ବାଲିଆପାଳ, ୧୧।୪(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଗ୍ରାମର ଆଦର୍ଶ ଶିକ୍ଷକ ଅମୂଲ୍ୟଚନ୍ଦ୍ର ଦାସଙ୍କର ଆଜି ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ଦାସ ରସଲପୁର ପ୍ରାଥମିକ ବିଦ୍ୟାଳୟରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ବେଲି ପ୍ରାଥମିକ ବିଦ୍ୟାଳୟ ପରେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବେ ୧୯୯୩ ମସିହାରେ ଅବସରଗ୍ରହଣ କରିଥିଲେ। ସ୍ୱର୍ଗତ ଦାସ ଜଣେ ଆଦର୍ଶ ଶିକ୍ଷକ ଭାବରେ ଅଞ୍ଚଳରେ ଖ୍ୟାତି ରହିଛି। ଗ୍ରାମବାସୀ ତଥା ପୁରାତନ ଛାତ୍ର ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହ ଅମରଆତ୍ମାର ସଦଗତି କାମନା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଚାରି ପୁତ୍ର ମୁରଲୀ, ସୁବାସ, ସୁଶାନ୍ତ, ଶୁଭେନ୍ଦ୍ର ଏକମାତ୍ର ଝିଅ ସନ୍ଧ୍ୟା ଜାମାତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୁତ୍ରବଧୂ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



# ରାଜ୍ୟ ଆଇନଜୀବୀ ପରିଷଦକୁ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୧।୪(ସମିସ): ବାଲେଶ୍ୱର ଜିଲ୍ଲା ଜଜ କୋର୍ଟ ପରିସରରେ ଥିବା ୫ନମ୍ବର ହଲ ପରିସରରେ ବାଲେଶ୍ୱର ଲୟର୍ସ କ୍ଲବ ଆନୁକୂଲ୍ୟରେ କ୍ଲବର ସଭାପତି ଆଇନଜୀବୀ ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ବାର୍ ଆସୋସିଏସନରୁ ରାଜ୍ୟ ଆଇନଜୀବୀ ପରିଷଦକୁ ନିର୍ବାଚିତ ହୋଇଥିବା ବାଲେଶ୍ୱର ବାର୍ ଆସୋସିଏସନର ସଭ୍ୟ ପ୍ରସନ୍ନ କୁମାର ପାଢ଼ୀ ଓ ନୃସିଂହ ଚରଣ ନାୟକ ଏବଂ ବାର ଆସୋସିଏସନର ନବ ନିର୍ବାଚିତ ସମସ୍ତ କାର୍ଯ୍ୟକର୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପୁରୁଷୋତମ ବିଶ୍ୱାଳ, ମଦନମୋହନ ପର୍ଡା ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଅନୁଷ୍ଠାନର ସମ୍ପାଦକ କେଶବ କୁମାର ଆଚାର୍ଯ୍ୟ ଅନୁଷ୍ଠାନର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅନୁଷ୍ଠାନର ସଭ୍ୟ ସୁବାଷଚନ୍ଦ୍ର ସାମନ୍ତ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

# ନାଟକ 'କାଳ କୋଠରୀ' ଉଚ୍ଚ ପ୍ରଶଂସିତ



ବାଲେଶ୍ୱର, ୧୧।୪(ସମିସ): କୋରାପୁଟ ଦାମନଯୋଡିଠାରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ବାଲେଶ୍ୱରର ନାଟ୍ୟ ଓ ସଂସ୍କୃତିର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ 'ନାଟ୍ୟ ପ୍ରଭା' ଭାଗ ନେଇ ନାଟକ 'କାଳ କୋଠରୀ' ମଞ୍ଚସ୍ଥ କରି ଉଚ୍ଚ ପ୍ରଶଂସିତ ହୋଇପାରିଛି। ଯୁବ ନାଟ୍ୟକାର ସୁଶାନ୍ତ ଦାସ ଏହି ନାଟକଟିକୁ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ନାଟ୍ୟ ନିର୍ଦ୍ଦେଶକ ଡ. କୁମାର ଗୋପାଳ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ନାଲକୋର ଡିଜିଏମ୍ ସୁଶୀଲ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମଣିଷର ଅନ୍ତିମ ଲକ୍ଷ୍ୟ ସଂସାରର ସମସ୍ତ ମାୟା ବନ୍ଧନରୁ ମୁକ୍ତି। କିନ୍ତୁ ମଣିଷ ମୁକ୍ତିର ପଥ ଛାଡି କାମନା, ବାସ୍ନାରେ ଲିପ୍ତ ରହି ସଂସାରରେ ଅନେକ ପ୍ରକାରର କୁକାର୍ଯ୍ୟ କରିଥାଏ। ଏପରି ଏକ ବିଷୟକୁ ନେଇ ନାଟକ 'କାଳ କୋଠରୀ' ଗତିଶୀଳ। ଅଭିନୟରେ ଚନ୍ଦନ ବେହେରା, ପ୍ରାଣ ବିନ୍ଧୁ ଦାସ, ଲକ୍ଷ୍ମୀଧର ରାଉତ, ଶ୍ୟାମାନନ୍ଦ ଗିରି, ଭାଗୀରଥି ଜେନା, ବିଜୟ ମିଶ୍ର, ସ୍ୱଗତିକା ବେହେରା ଓ ସଂହିତା ଦାସ, ସୁଶାନ୍ତ କର, ମନୋରଞ୍ଜନ ବେହେରା, ଅଙ୍କିତ ପ୍ରମୁଖ ମଞ୍ଚ ସଜାରେ ସହଯୋଗ କରିଥିଲେ।

## ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ୍

# ଖାଲିପଡ଼ିଛି ୫୧ ଟିଚିଂ ଓ ୫୪ ନନ୍ ଟିଚିଂ ପଦ




ବାଲେଶ୍ୱର, ୧୧।୪(ସମିସ):

ବାଲେଶ୍ୱର ଫକୀର ମୋହନ ମେଡ଼ିକାଲ କଲେଜ ହସ୍ପିଟାଲରେ ୨୧୪ ଟିଚିଂ ପଦବୀ ଏବଂ ୭୭ଟି ନନ ଟିଚିଂ ପଦବୀ ରହିଛି। ଏହା ମଧ୍ୟରୁ ୧୬୩ଟି ଟିଚିଂ ପଦବୀ ଏବଂ ୨୩ଟି ନନ ଟିଚିଂ ପଦବୀ ପୂରଣ ହେଇଛି। ଟିଚିଂରେ ୫୧ଟି ପଦବୀ ଏବଂ ନନ ଟିଚିଂରେ ୫୪ଟି ପଦବୀ ଫାଙ୍କା ପଡ଼ିଛି।

ରେମୁଣାସ୍ଥିତ ୬୫୦ଶଯ୍ୟା ବିଶିଷ୍ଟ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲର ବିଲ୍ଡିଂ ଗୁଡିକ ନିର୍ମାଣାଧୀନ ଥିଲେ ବି ଗତ ମାର୍ଚ୍ଚ ଦୁଇ ତାରିଖ ଠାରୁ ଏହି ଚିକିତ୍ସା ଭିତ୍ତିକ ଶିକ୍ଷାନୁଷ୍ଠାନ ନିଜସ୍ୱ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରେ ଓପିଡ଼ି, ଆଇପିଡ଼ି, ଜେନେରାଲ ମେଡ଼ିସିନ, ଏମରଜେନ୍ସି ମେଡ଼ିସିନ, ସ୍କିନ, ସାଇକ୍ରାଟିକ, କମାଟ୍ରୋଲୋଜି ଓ ଡେଣ୍ଟିଷ୍ଟ ପ୍ରଭୃତି ବିଭାଗ ଖୋଲିଛି। ହେଲେ ଟିଚିଂ ଓ ନନ ଟିଚିଂ ପଦବୀ ଗୁଡିକ ଫାଙ୍କା ପଡ଼ିଥିବା ଯୋଗୁ ରୋଗୀ ମାନଙ୍କୁ ଚିକିତ୍ସା ଯୋଗାଇବାରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି।

ମିଳିଥିବା ତଥ୍ୟାନୁସାରେ, ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲର ୨୧ଟି ପ୍ରଫେସର ପଦବୀ ରହିଛି। ଏହା ମଧ୍ୟରୁ ୧୬ଟି ପଦବୀରେ ପ୍ରଫେସର ଅଛନ୍ତି। ଆଉ୫ଟି ପଦବୀ ଫାଙ୍କା ପଡ଼ିଛି। ୨୯ଟି ଆସୋସିଏଟ ପ୍ରଫେସର ପଦବୀ ମଧ୍ୟରୁ ୨୦ଟି ପଦବୀ ପୂରଣ ହେଇଛି। ଆଉ ୯ଟି ପଦବୀ ଫାଙ୍କା ପଡ଼ିଛି। ୪୭ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୪୦ଟି ପଦବୀ ପୂରଣ ହେଇଛି। ଆଉ ୭ଟି ପଦବୀ ଫାଙ୍କା ପଡ଼ିଛି। ୨୭ଟି ଟିଉଟର ପଦରୁ ୨୨ଟି ପଦବୀ ପୂରଣ ହେବା ସହିତ ୫ଟି ପଦବୀ ଫାଙ୍କା ପଡ଼ିଛି। ୩୯ଟି ସିନିୟର ରେସିଡାଣ୍ଟ ପଦବୀରୁ୩୩ଟି ପଦବୀ ପୂରଣ ହେଇଛି। ଆଉ ୬ଟି ପଦବୀ ଫାଙ୍କା ପଡ଼ିଛି। ସେହିଭଳି ୩୮ଟି ଜୁନିୟର ରେସିଡ଼ାଣ୍ଟ ପଦବୀରୁ ୩୨ଟି ପଦବୀ ପୂରଣ ହେଇଛି। ଆଉ ୬ଟି ପଦବୀ ଫାଙ୍କା ପଡ଼ିଛି। ଏହାବାଦ ୧୩ଟି ସିନିୟର ରେସିଡାଣ୍ଟ (ଟିସିଏଫ) ପଦବୀ ରହିଥିଲେ ମଧ ଏହି ପଦବୀ ବର୍ତ୍ତମାନ ସୁଦ୍ଧା ପୂରଣ ହେଇ ନାହିଁ। ଏହିଭଳି ନନ ଟିଚିଂରେ ମଧ ଅନେକ ପଦବୀ ଫାଙ୍କା ପଡ଼ିଛି। ଯଥା ତିନୋଟି ସ୍ୱାସ୍ଥ୍ୟ ଏଜୁକେଟର ପଦବୀ, ଗୋଟିଏ ଷ୍ଟାଟିଷ୍ଟସିଆନ, ଗୋଟିଏ ମୁଖ୍ୟ କିରାଣୀ, ଗୋଟିଏ ରେଫ୍ରାକସୋନିଷ୍ଟ, ଗୋଟିଏ ଆସିଷ୍ଟାଣ୍ଟ ଲାଇବ୍ରେରୀଆନ, ଗୋଟିଏ ଜୁନିୟର ଲାଇବ୍ରେରୀୟାନ, ଗୋଟିଏ ଇସିଜି ଟେକ୍ନିସିଆନ, ଗୋଟିଏ ଡେଣ୍ଟାଲ ଟେକ୍ନିସିୟାନ, ଗୋଟିଏ ଟିବି ହେଲଥ ଭିଜିଟର ଏବଂ ଗୋଟିଏ ସାଇକ୍ରେଟିକ ପଦବୀ ଫାଙ୍କା ରହିଛି। ଏତଦବ୍ୟତୀତ ଦୁଇଟି ବରିଷ୍ଠ କିରାଣୀ ପଦବୀ, ସତେଇସଟି ଟେକ୍ନିସିୟାନ ପଦବୀ, ୨୦ଟି ଲାବ୍ରୋଟାରୀ ଆଟେଡେଣ୍ଟ ପଦବୀ ଓ ଚାରିଟି ପିଅନ ପଦବୀ ଫାଙ୍କା ପଡ଼ିଛି।ଏହାବାଦ ପଚିଶଟି କନିଷ୍ଠ କିରାଣୀ ପଦବୀରୁ କୋଡିଏ ଟି ପଦବୀ ପୂରଣ ହେଇଛି। ଆଉ ପାଞ୍ଚଟି ପଦବୀ ଫାଙ୍କା ରହିଛି। ଦୁଇଟି ହଲ ଆସିଷ୍ଟାଣ୍ଡ ଓ ଦୁଇଟି ମେଡ଼ିକାଲ ସୋସିଆଲ ୱାର୍କର ଦୁଇଟି ସ୍ୱାସ୍ଥ୍ୟ ଇନ୍ସପେକ୍ଟର ପଦବୀ ମଧ ଫାଙ୍କା ପଡ଼ିଛି।

ବାଲେଶ୍ୱରବାସୀଙ୍କ ଦୀର୍ଘ ବର୍ଷର ପ୍ରତିକ୍ଷା ପରେ ୨୦୧୮ ସେପ୍ଟେମ୍ବର ତିନରେ ଫକୀର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେଇଥିଲା। ଏହି ସରକାରୀ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବା ପରେ ବାଲେଶ୍ୱରର ରୋଗୀ ମାନଙ୍କୁ କଟକ ବଡ ମେଡ଼ିକାଲକୁ ଯିବାକୁ ପଡ଼ିବ ନାହିଁ ବୋଲି ଏଠାକାର ଜନ ସାଧାରଣ ଭାବିଥିଲେ। ମାତ୍ର ଏହା ମଧ୍ୟରେ ପାଞ୍ଚ ବର୍ଷ ବିତିଯାଇ ଥିଲେବି, ଏହି ମେଡ଼ିକାଲ କଲେଜର ବିଭିନ୍ନ ବିଭାଗର ପଦବୀ ଫାଙ୍କା ରହିବା ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ଅଭାବ ରହିବା ଫଳରେ ଏଠାରେ ଜଟିଳ ରୋଗର ଚିକିତ୍ସା କରା ନ ଯାଇ କଟକ ବଡ ଡାକ୍ତରଖାନାକୁ ରେଫର କରାଯାଉଛି। ତୁରନ୍ତ ଏହି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଫାଙ୍କା ପଡ଼ିଥିବା ପଦବୀ ଗୁଡିକୁ ସରକାର ପୂରଣ କରିବା ସହିତ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଯନ୍ତ୍ରପାତି ଓ ମେସିନ ଯୋଗାଇ ଦେଲେ ରୋଗୀ ମାନେ ଏଠାରୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇ ପାରିବେ ବୋଲି ସଚେତନ ନାଗରିକ ମାନେ କହିଛନ୍ତି।

## ଦୂର ହେଲା ଗ୍ରାମବାସୀଙ୍କ ସମସ୍ୟା

ବାଲେଶ୍ୱର, ୧୧।୪(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର, ଯଜ୍ଞେଶ୍ୱରପୁର, ଭିମପୁରା ଓ କାଳିଦାସପୁର ପ୍ରଭୃତି ଗ୍ରାମ ଗୁଡିକ ଦେଇ ପ୍ରାୟ ଦୁଇ କିଲୋମିଟର ପର୍ଯ୍ୟନ୍ତ ଯାଇଥିବା ୩୩ ହଜାର କେଭି ବିଦ୍ୟୁତ ତାର ପାଇଁ ସମ୍ପୃକ୍ତ ଅଞ୍ଚଳର ୩ ହଜାର ଲୋକ ଏକ ପ୍ରକାର ଭୟଭିତ ଅବସ୍ଥାରେ ଥିଲେ। କାହା ଘରର ଛାତ ଉପର ଦେଇତ, ପୁଣି କାହା ଘରର ବାରଣ୍ଡା ଓ ସ୍କୁଲ ଅଗଣା ଉପର ଦେଇ ଏହି ବିଦ୍ୟୁତ ତାର ଯାଇଥିଲା। ଗ୍ରାମବାସୀଙ୍କ ପାଇଁ ପାଦେ ପାଦେ ବିପଦ ରହିଥିଲା। ଏହି ବିଦ୍ୟୁତ ତାର ଅଣ୍ଡରଗ୍ରାଉଣ୍ଡ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ଯୁବ ସମାଜସେବୀ ଜ୍ୟୋତିର୍ମୟୀ ନାୟକ ପ୍ରଚେଷ୍ଟା ଜାରି ରଖିଥିଲେ। ସ୍ଥାନୀୟ ନେତା, ବିଧାୟକ, ମନ୍ତ୍ରୀଙ୍କୁ ଏବାବଦରେ ଗ୍ରାମବାସୀ ବାରମ୍ବାର ଜଣାଇଥିଲେ। ପ୍ରାୟ ୫ ବର୍ଷର ଉଦ୍ୟମ ପରେ ଶେଷରେ ଏହି ବିଦ୍ୟୁତ ତାର ଅଣ୍ଡର ଗ୍ରାଉଣ୍ଡ କରାଯାଇଛି। ଗତ ବୁଧବାର ଦିନ ଏହି ବିଦ୍ୟୁତ ତାରକୁ ଟାଟା ପାୱାର କମ୍ପାନୀ ପକ୍ଷରୁ ଖୋଲିବା ଆରମ୍ଭ କରାଯାଇଛି। ଏହା ଦେଖି ସ୍ଥାନୀୟ ଅଞ୍ଚଳର ଲୋକମାନେ ଆଶ୍ୱସ୍ତ ଅନୁଭବ କରିଛନ୍ତି।

## ● ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେଣ୍ଟରର ସାପ୍ତାହିକ ଓପିଡି ସେବା

# ତିନି ବିଭାଗ ବିଶେଷଜ୍ଞଙ୍କ ଚିକିତ୍ସା ପରାମର୍ଶ ଆଜି

ବାଲେଶ୍ୱର, ୧୧।୪(ସମିସ): ବାମପଦାଠାରେ ଥିବା ଏମସ୍ ସାଟେଲାଇଟ୍ ସେଣ୍ଟରରେ ସାପ୍ତାହିକ ଓପିଡି ସେବା ଚାଲୁଅଛି। ତେବେ ଚଳିତ ସପ୍ତାହ ଆସନ୍ତାକାଲି ୧୨ ଏପ୍ରିଲ ଶୁକ୍ରବାର ଦିନ ସାଟେଲାଇଟ୍ ସେଣ୍ଟର ଓପିଡି ସେବା ହେବ। ଏ ନେଇ ଡାକ୍ତରଙ୍କ ତାଲିକା ପ୍ରଦାନ କରାଯାଇଛି। ଏଥର ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେଣ୍ଟରକୁ ୩ ବିଭାଗର ବରିଷ୍ଠ ଡାକ୍ତର ଆସୁଛନ୍ତି। ସେମାନେ ହେଲେ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ମୋନିକା କୋଦୁରୀ, ଶିଶୁରୋଗ (ପେଡ଼ିଆଟ୍ରିକସ୍) ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ସୁନୀତା ଦାସ ଓ ଦନ୍ତ ଚିକିତ୍ସା ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ଅନିଶା ମିଶ୍ର। ସକାଳ ୮ଟା ୩୦ ମିନିଟ୍‌ରେ ଏମ୍ସ ସାଟେଲାଇଟ୍ ସେଣ୍ଟର ବାଲେଶ୍ୱର ପରିସରରେ ରୋଗୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରି ଏହି ସୁବିଧା ପାଇପାରିବେ। ପ୍ରକାଶ ଥାଉକି, ସପ୍ତାହର ଦୁଇଦିନ ଶୁକ୍ରବାର ଓ ଶନିବାର ଓପିଡି ସେବା ଚାଲୁ ରହୁଛି। ଟିକେଟ୍ ପଞ୍ଜୀକରଣ ପାଇଁ ସକାଳ ୮ଟାରୁ ୧୧ଟା ଏବଂ ସକାଳ ୯ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଡାକ୍ତର ତଥା ବିଶେଷଜ୍ଞ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିବେ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରମିକ ନେତାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୧।୪ (ସମିସ) : ବିଶିଷ୍ଟ ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ଦ୍ର ପ୍ରସାଦ ଦାସଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। 'ଯୋଗେନ୍ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ସ୍ଥାନୀୟ 'ଆତିଥ୍ୟ' ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଓକିଲ ସଂଘର ପୂର୍ବତନ ସଭାପତି ମନୋଜ ନାୟକ, ସ୍ୱର୍ଗତ ଦାସଙ୍କ ବାଲ୍ୟବନ୍ଧୁ ଆଇନଜୀବୀ ଶରତ ମହାପାତ୍ର, ସ୍ୱର୍ଗତ ଦାସଙ୍କ ସହକର୍ମୀ ଗୌରାଙ୍ଗ ପାଣିଗ୍ରାହୀ, ସୁରେନ୍ଦ୍ର ପଣ୍ଡା, ଅଧ୍ୟାପକ ଡ. ରତ୍ନାକର ସିଂହ, ମଧୁସୂଦନ ବେହେରା, ନିରଞ୍ଜନ ପରିଡ଼ା, କବି ଅଭୟ ଦାସ, ଡାକ୍ତର ଶାନ୍ତନୁ ଦାସ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇ ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଆଇନ୍‌ଜୀବୀ ତଥା ସ୍ମୃତି କମିଟିର ସଭାପତି ଶମ୍ଭୁନାଥ ମହାନ୍ତି, ସ୍ୱର୍ଗତ ଦାସଙ୍କ ପତ୍ନୀ ମିନତୀ ଦେବୀ, ଜାମାତା ଅଧ୍ୟାପକ ଅଭୟ ଦାସ, ପ?ରୋଶୀ କାହ୍ନୁଚଣ ଦାସ ପ୍ରମୁଖ ମଞ୍ଚାସୀନ ଥାଇ ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନମାଜ ପାଠ କରି ପରସ୍ପରକୁ ଜଣାଇଲେ ଇଦ୍ ମୁବାରକ



ବାଲେଶ୍ୱର, ୧୧।୪(ସମିସ): ଏକମାସର ଉପବାସ ପରେ ଇସଲାମ ଧର୍ମାବଲମ୍ବୀମାନେ ପବିତ୍ର ଇଦ-ଉଲ ଫିତରରେ ଆଜି ଭାଙ୍ଗିଛନ୍ତି ରୋଜା। ସମଗ୍ର ବିଶ୍ୱରେ ଭାଇଚାରା ଓ ଖୁସିର ପର୍ବ ଇଦକୁ ହର୍ଷ ଉଲ୍ଲାସର ସହ ପାଳନ କରାଯାଉଥିବା ବେଳେ ଧର୍ମଗୁରୁମାନଙ୍କ ନିଷ୍ପତି କ୍ରମେ ଗୁରୁବାର ଦିନ ପାଳିତ ହୋଇଛି ଏହି ଇଦ୍-ଉଲ-ଫିତର ପର୍ବ। ପରସ୍ପର ଭିତରେ ବନ୍ଧୁତ୍ୱଭାବ ବଜାୟ ରଖିବା ଉଦେଶ୍ୟରେ ସମଗ୍ର ଦେଶରେ ମୁସଲମାନ ଭାଇ ଭଉଣୀମାନେ ପାଳନ କରିଛନ୍ତି ଇଦ୍ ପର୍ବ। ଏ ନେଇ ଚଳଚଞ୍ଚଳ ହୋଇ ଉଠିଥିଲା ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ମସଜିଦ। ସହରର ଦରଘା ମୈଦାନ, ଖ୍ୱାଜାବାଦ, ବାଲୁବଜାର, ପଠାନ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଚ୍ଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଣ୍ଟାବଣିଆ, ସୋମନାଥପୁର, ଚଷାଖଣ୍ଡ ପ୍ରଭୃତି ଅଞ୍ଚଳର ବିଭିନ୍ନ ମସଜିଦରେ ମୁସଲମାନ ଧର୍ମାବଲମ୍ବୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ନୂଆ ଲୁଗା ପିନ୍ଧି ମୁସଲମାନ ଭାଇମାନେ ବିଭିନ୍ନ ମସଜିଦରେ ସାମୂହିକ ନମାଜପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ ଶୁଭେଚ୍ଛା ଜଣାଇଥିଲେ।

ଏହି ଅବସରରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଦରଘା ମଇଦାନରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ଶ୍ରୀ ଦାସଙ୍କ ସହ ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ଶେଖ ଆୟୁବ, ଯୁବ ସଂଗଠକ ଧୀରେନ ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଯୁବନେତା ବିକ୍ରମ ପଣ୍ଡା ଇଦର ଶୁଭେଚ୍ଛା ଜଣାଇଥିଲେ। ଇଦ ମିଲନ କମିଟିର ସେଖ ଅବଦୁଲ ରଫିକ, ହାଜି ମହମ୍ମଦ ଗୋଲାମ ଖାନ, ଶେଖ ସମ୍ମଦ, ଶେଖ କାଲା, ଅବଦୁଲ ସାକିଲ ଖାନ, ଶେଖ ନଜୀରୁଦ୍ଦିନ ପ୍ରମୁଖ ଦରଘା ମାଇଦାନଠାରେ ନମାଜ ପାଠ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଇଦ ଉତ୍ସବ ପାଳନ ପାଇଁ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଫକୀରମୋହନ ବିଶ୍ୱବିଦ୍ୟାଳୟ

# ସ୍ନାତକୋତ୍ତର ଶିକ୍ଷା ବିଭାଗର ବାର୍ଷିକୋତ୍ସବ 'ଅମୃତମସ୍ତୁତେ'

ବାଲେଶ୍ୱର, ୧୧।୪(ସମିସ):



ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗର ବାର୍ଷିକୋତ୍ସବ 'ଅମୃତମସ୍ତୁତେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ କାର୍ଯ୍ୟକ୍ରମଟି ଆଲୁମିନି ମିଟ୍, ଆଲୁମିନି କଲୋକ୍ୱିମ୍ ଏବଂ ବିଭାଗର ବାର୍ଷିକୋତ୍ସବ-୨୦୨୪କୁ ନେଇ ପ୍ରସ୍ତୁତ କରାଯାଇଥିଲା ଓ ବିଶ୍ୱବିଦ୍ୟାଳୟର ପୁରାତନ କ୍ୟାମ୍ପସ ପରିସରରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନଟି ବିଭାଗ ମୁଖ୍ୟ ପ୍ରଫେସର ଡ. ଜ୍ୟୋତି ଶଙ୍କର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା। ଏଥିସହ ପୁରାତନ ଛାତ୍ର ସଂସଦର ସଂଯୋଜକ ପ୍ରଫେସର ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ, ପୁରାତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଲକ୍ଷ୍ମୀନାରାୟଣ ନାୟକ ପ୍ରମୁଖ ଯୋଗଦେଇ ନିଜର ଉଦବୋଧନ ଦେଇଥିଲେ। ଏଥିସହିତ ବିଭାଗର ପୁରାତନ ଛାତ୍ର ଡ. ରାମଚନ୍ଦ୍ର ମାଝି ଓ ଲକ୍ଷ୍ମୀନାରାୟଣ ନାୟକ ବିଭାଗର ଉନ୍ନତିକରଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ସମ୍ପର୍କରେ ବିବିଧ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ବିଭାଗର ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶେଷ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ, ମୁଖ୍ୟବକ୍ତା ରୂପେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ର ଯୋଗଦେଇଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ଼କ୍ଟର ଜ୍ୟୋତି ଶଙ୍କର ପ୍ରଧାନ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ପ୍ରଫେସର ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ, ଜଳକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରି ସର୍ବଦା ପ୍ରଗତିଶୀଳ ବା ପ୍ରବାହମାନ ଜୀବନ ଗଠନ କରାଯାଉ ତଥା ଆଗ୍ରହ, ସ୍ପୃହା, ଲକ୍ଷ୍ୟ ତଥା ଉଦ୍ୟମ ଦ୍ୱାରା ଜୀବନରେ ସବୁ ସମ୍ଭବ ହୋଇପାରିବ। କାର୍ଯ୍ୟକ୍ରମର ବିଶେଷ ଅତିଥି ଡକ୍ଟର ସି ଏସ ନନ୍ଦ ବିଦ୍ୟାର୍ଥି ଜୀବନର ମୂଳ ଲକ୍ଷ୍ୟ ଆନନ୍ଦ, ସ୍ୱାଧୀନତା ଓ ଜିଜ୍ଞାସା ଭିତରେ ଲୁଚି ରହିଥାଏ ବୋଲି ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଏଥିସହ ମୁଖ୍ୟବକ୍ତା ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ର, ସୃଜନ ପ୍ରବୃତ୍ତିକୁ ନେଇ ଭବିଷ୍ୟତ ଗଠନ କରନ୍ତୁ କହି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ ଓ ନୂତନ ଉଦ୍ଭାବନମୂଳକ ଚିନ୍ତାଧାରା ନେଇ ପାଠ ପଢ଼ିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ଶିକ୍ଷା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରତିମା ପ୍ରଧାନ ସଞ୍ଚାଳନ କରିଥିଲେ।

# ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ




ବାଲେଶ୍ୱର, ୧୧।୪(ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ସହଦେବଖୁଣ୍ଟା ମୌଜାର ଫିରିଙ୍ଗପାଟଣା ବିଦ୍ୟାଳୟରେ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ସମାଜସେବୀ ଉବାଚକ ମହାନ୍ତି ସଭାପତିତ୍ୱ କରିଥିଲେ। ମହିଳା ସ୍ୱାସ୍ଥ୍ୟ କର୍ମୀ ଦିପ୍ତୀରାଣୀ ଗୟା ଏହି ସଚେତନତା ସଭାରେ ଯୋଗ ଦେଇ ପ୍ରସବ ପୂର୍ବବର୍ତ୍ତୀ ଯତ୍ନ, ଟୀକାକରଣ, ଅନୁଷ୍ଠାନିକ ପ୍ରସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭରସା ଅନୁଷ୍ଠାନର ସମ୍ପାଦକ ଯାଦବେଶ ମିଶ୍ର ମାତୃ ମୃତ୍ୟୁହାର କମାଇବା ପାଇଁ ସଚେତନତା ଓ ମହିଳା ଆରୋଗ୍ୟ ସମିତି ସଦସ୍ୟା ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣଲତା ଘୋଷ, ପ୍ରତିମା ପରମାଣିକ, ଶେଫାଳି ମହାନ୍ତି, ସୁସ୍ମିତା ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

ସକାଳ THE SAKALA



www.sakalaepaper.com





## ଚଡ଼କ ପର୍ବର ଦ୍ୱିତୀୟ ଅର୍ଘ୍ୟ 'ମହାନୀଳ ପର୍ବ' ସମ୍ପନ୍ନ

# ଜନସମୁଦ୍ର ପାଲଟିଲା ଚନ୍ଦନେଶ୍ୱର ଶୈବପୀଠ

**ଭୋଗରାଇ/ଚନ୍ଦନେଶ୍ୱର,୧୧।୪ (ସମିସ)** : ୫ ଲକ୍ଷରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଗୁରୁବାର ଜନସମୁଦ୍ର ପାଲଟିଲା ବାଲେଶ୍ୱର ଜିଲ୍ଲାର ପୂର୍ବ ଭାରତ ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ସାମ୍ବତ୍ସରିକ ଉତ୍ସବ ଚଡ଼କ ପର୍ବର ଦ୍ୱିତୀୟ ଅର୍ଘ୍ୟ "ମହାନୀଳ ପର୍ବ'। ଚଡ଼କ ପର୍ବର ଅନ୍ୟତମ ପ୍ରମୁଖ ଉତ୍ସବ ଏହି ମହାନୀଳ ପର୍ବ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ବୁଧବାର ଉପବୀତ ଧାରଣର ଶେଷ ଦିନ ଥିଲା। ସରକାରୀ ହିସାବରେ ଉପବୀତଧାରୀ ଭକ୍ତଙ୍କ ସଂଖ୍ୟା ୧ ଲକ୍ଷରୁ



ଅଧିକ ବୋଲି କୁହାଯାଇଥିଲା ବେଳେ ବେସରକାରୀ ଭାବେ ଉପବୀତଧାରୀଙ୍କ ସଂଖ୍ୟା ଦେଢ ଲକ୍ଷରୁ ଅଧିକ ବୋଲି ଆକଳନ କରାଯାଇଛି। ଶୁକ୍ରବାର ଚଡ଼କ ପର୍ବର ଉଦଯାପନୀ ଉତ୍ସବ 'ପାଟପର୍ବ' ଥିବାରୁ ଉପବୀତଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ମଧ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱରୁ ହେବା ସମ୍ଭାବନା ରହିଛି।

ଚନ୍ଦନେଶ୍ୱର ମହାଦେବଙ୍କ ସାମ୍ବତ୍ସରିକ ଚଡ଼କ ପର୍ବର ମୁଖ୍ୟ "ମହାନୀଳ ପର୍ବ' ହୋଇଥିବାରୁ ବାବାଙ୍କ ଉପରେ କ୍ଷୀର ଓ ପଇଡ଼ ପାଣି ଢାଳି ମହାଦେବଙ୍କ ଆଶିଷ ପ୍ରାପ୍ତି ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ପୀଠକୁ ଛୁଟି ଆସିଥିବା ଦେଖିବାକୁ ମିଳିଛି। ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ଆଦି ବ୍ଲକ ସମେତ ପଡୋଶୀ ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉପବୀତଧାରୀ ଭକ୍ତଙ୍କ ସମେତ ୫ ଲକ୍ଷରୁ ଊର୍ଦ୍ଧ୍ୱରୁ ଶ୍ରଦ୍ଧାଳୁଙ୍କ ସମାଗମରେ ଜନସମୁଦ୍ର ପାଲଟିଥିଲା ଏହି ଶୈବପୀଠ। ବିଶାଳ ସଂଖ୍ୟକ ବ୍ରତାଚାରୀଙ୍କ ସମାଗମ ଯୋଗୁଁ ମନ୍ଦିର ବେଢ଼ାରେ ୪ ଶହରୁ ଊର୍ଦ୍ଧ୍ୱରୁ ବ୍ରାହ୍ମଣ ଶିବ ଶଙ୍କରଙ୍କ ପଥର ମୂର୍ତ୍ତି ପ୍ରତିଷ୍ଠା କରି ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ବ୍ରତ ପାଇଁ ପୂଜାର୍ଚ୍ଚନା କରିଛନ୍ତି। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ବ୍ରାହ୍ମଣଙ୍କ ଆସ୍ଥାନରେ ପୂଜା ଓ ପୁଷ୍ପାଞ୍ଜଳି ପ୍ରଦାନ ପରେ ଶିବଙ୍କ ଏହି ପଥର ମୂର୍ତ୍ତି ସମେତ ମନ୍ଦିର ବେଢ଼ାରେ ଥିବା ବୃଷଭ ଓ ନେତ୍ରନାଳରେ କ୍ଷୀର ଓ ପଇଡ ପାଣି ଢ଼ାଳି ମାନସିକ ପୂରଣ ପାଇଁ ଭକ୍ତି ନିବେଦନ କରିଥିଲେ। ଏହାସହିତ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବିଭିନ୍ନ ନଦୀରୁ ପାଣି ଭର୍ତ୍ତି କଳସ ଭାରରେ ଆଣି ଶ୍ରୀଜୀଉଙ୍କ ଉପରେ ଜଳଲାଗି କରିଥିଲେ। ଅପରାହ୍ନରେ ଉପବୀତଧାରୀ ଭକ୍ତ ମାନେ ନୀଳ ପୋଖରୀରେ ବୁଡ ପକାଇବା ସହିତ ଦୀର୍ଘ ସମୟ ଧରି ଶିବ ଓ ଦୁର୍ଗାଙ୍କ ଚଳନ୍ତି ପ୍ରତିଭୂ 'ସ୍ତମ୍ଭି କାଠ' ଖୋଜିଥିଲେ। ହେଲେ ପାଟଭକ୍ତଙ୍କୁ ଆଶୁତୋଷ ବାବା ଚନ୍ଦନେଶ୍ୱରଙ୍କ ସୁଆଙ୍କ ମିଳିବା ପରେ ଏହି 'ସ୍ତମ୍ଭି କାଠ' ଭକ୍ତଙ୍କ ହାତରେ ଧରା ପଡ଼ିଥିଲେ। ପରେ ଏହି 'ସ୍ତମ୍ଭି କାଠ'କୁ କାନ୍ଧରେ ବୋହି ମନ୍ଦିର ପରିସରକୁ ଆଣିଥିଲେ। 'ସ୍ତମ୍ଭି କାଠ'କୁ ଛୁଇଁ ଆଶିଷ ନେବା ଏବଂ



ନିଜ ନିଜର ମନସ୍କାମନା ପୂରଣ ପାଇଁ ଭକ୍ତ ମାନଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗିଲା ଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ପରେ ରୀତିନୀତି ଅନୁଯାୟୀ 'ସ୍ତମ୍ଭି କାଠ' ଏବଂ ଶ୍ରୀଜିଉଙ୍କ ପୂଜାର୍ଚ୍ଚନା। ପରେ ମନ୍ଦିର ପରିସରସ୍ଥ ନେତନାଳ ଠାରେ ୧୩ ଜଣ ସ୍ଥାୟୀ ଭକ୍ତ ଶେଷ ବେକଡା ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ପାଟଭକ୍ତ ହରିଶ ଚନ୍ଦ୍ର ସାହୁ ଏବଂ ଶ୍ରୀବେକିଡି ନିରଞ୍ଜନ ଲେଙ୍କା ଶ୍ରୀଜିଉଙ୍କ ସୁଆଙ୍କା ଆଣି ଉପବୀତଧାରୀଙ୍କ ଉପରେ ଅର୍ଘ୍ୟ ପାଣି ସିଞ୍ଚନ କରିଥିଲେ। ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଚନ୍ଦନେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ନିଆଯାଇଛି। ମନ୍ଦିର ପରିସର ଓ ବାହାରେ ଥିବା ପ୍ରମୁଖ ସ୍ଥାନ ମାନଙ୍କରେ ସିସିଟିଭି କ୍ୟାମେରା ସଂଯୋଗ କରାଯାଇଛି। ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପୁଲିସ କଣ୍ଟ୍ରୋଲ ରୁମ ଖୋଲାଯାଇ ସେଠାରୁ ମେଳାର ଭିଡ଼ ନିୟନ୍ତ୍ରଣ କରାଯାଉଛି। ଏହାସହିତ ବିଜୁ ଗୋଲେଇ ଠାରୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟାରିକେଡ଼ ନିର୍ମାଣ କରାଯାଇ ନିର୍ଦ୍ଦିଷ୍ଟ ଦୂରତାରେ ପୁଲିସ ସୁରକ୍ଷା କର୍ମୀ ମୁତୟନ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ଏବଂ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ୯୧ ଜଣ ପୁଲିସ ଅଧିକାରୀ ଆଇନଶୃଙ୍ଖଳା ରକ୍ଷା ଦାୟିତ୍ୱରେ ରହିଥିଲା ବେଳେ ୨୧ ସେକ୍ସନ ପୁଲିସ ଫୋର୍ସ,୨୫୬ ଜଣ କନେଷ୍ଟବଳ ଓ ହୋମଗାର୍ଡ, ଜରୁରୀକାଳୀନ ସେବା ପାଇଁ ଓଏସଏବି ପୁଲିସ କର୍ମଚାରୀ, ଓଡ୍ରାଫ୍ଟ ଟିମ ଓ ଅଗ୍ନିକ ସେବା କର୍ମଚାରୀ ଏବଂ ମନ୍ଦିର ବେଢ଼ା ମଧ୍ୟରେ ୨ ଶହରୁ ଅଧିକ ସ୍ୱେଚ୍ଛାସେବୀ ଭିଡ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହିପରି



ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଏକ ଅସ୍ଥାୟୀ କ୍ୟାମ୍ପ ଓ ଗାଜିପୁର ଗୌର ନିତାଇ ମଠ ପରିସରରେ ଏକ ୨୪ ଘଣ୍ଟିଆ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲା ଯାଇଥିଲା ବେଳେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନାଙ୍କ ନେତୃତ୍ୱରେ ୧୫ ଜଣ ଡାକ୍ତର, ୮ ଜଣ ଆୟୁଷ ଡାକ୍ତର, ୩୦ ଜଣ ଫାର୍ମାସିଷ୍ଟ ଓ ନର୍ସ, ୮ ଜଣ ଚତୁର୍ଥ ଶ୍ରେଣୀ ସ୍ୱାସ୍ଥ୍ୟ କର୍ମୀ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଗୁରୁତର ଅସୁସ୍ଥ ମାନଙ୍କୁ ଡାକ୍ତରଖାନା ପହଞ୍ଚାଇବା ପାଇଁ ୨ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ଏହାସହିତ ଡ୍ରାଇଭର ମହାସଂଘ ପକ୍ଷରୁ ୨ ଟି ନିଶୁଳ୍କ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୬ଟି ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗେ ମେଳାରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହାସହିତ ମନ୍ଦିର ପରିସର ପାଇଁ ଦୈନିକ ୧୦ ହଜାର ପାନୀୟ ଜଳ ବୋତଲ ଯୋଗାଇ ଦିଆଯାଇଛି। ଭକ୍ତଙ୍କ ବ୍ୟବହାର ପାଇଁ ମୁଣ୍ଡନ ପୋଖରୀ ପାଶ୍ୱର୍ ସହିତ ବିଭିନ୍ନ ସ୍ଥାନରେ ୩୫ଟି ଅସ୍ଥାୟୀ ଶୌଚାଳୟ ଓ ୭ଟି ଅସ୍ଥାୟୀ ନଳକୂପ ବ୍ୟବସ୍ଥା କରାଯିବା ସହିତ ଏହାର ମରାମତି ପାଇଁ ଆବଶ୍ୟକ କର୍ମଚାରୀ ମୁତୟନ କରାଯାଇଛି ବୋଲି ଭୋଗରାଇ କନିଷ୍ଠ ଯନ୍ତ୍ରୀ ହରପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି। ସେହିପରି ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣ ପାଇଁ ମନ୍ଦିର ପରିସରରେ କଣ୍ଟ୍ରୋଲ ରୁମ ସହିତ ଆବଶ୍ୟକ ଇଞ୍ଜିନିୟର ଓ କର୍ମଚାରୀ ମୁତୟନ କରାଯାଇଛି। ମନ୍ଦିର ବାହାରେ ୨କିମି ପରିଧି ମଧ୍ୟରେ ସଫେଇ ଓ ବ୍ଲିଚିଂ ସିଞ୍ଚନ ଏବଂ ମନ୍ଦିର ପରିସରରୁ ଆବର୍ଜନା ସଫା କରିବା ପାଇଁ ସଫେଇ ଠିକା କର୍ମଚାରୀ ନିୟୋଜିତ କରାଯାଇଛି। ମନ୍ଦିର ପରିସର ସଫେଇ ଓ ଭିଡ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ସାଗର ସାଥୀ କ୍ଲବ, ଭଟ୍ଟପୁର ଚଣ୍ଡିମାତା ଯୁବକ ସଂଘ,କୃଷ୍ଣନଗର ସତ୍ୟସାଇ କ୍ଲବ ଏବଂ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଜାତୀୟ ସେବା ଯୋଜନା (ଏନଏସଏସ), ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ଓ ଏନସିସିର ୨ ଶହ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି। ମୌରସି ତପନ କୁମାର ପଣ୍ଡା, ଉପ ମୌରସି ବୁଦ୍ଧଦେବ ପଣ୍ଡା, ଟ୍ରଷ୍ଟବୋର୍ଡ ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ ଓ ମନ୍ଦିର ସୁପରଭାଇଜର ବରେନ୍ଦ୍ର ପ୍ରହରାଜଙ୍କ ସମେତ ଆରଆଇ ଓ ରାଜସ୍ୱ ବିଭାଗ କର୍ମଚାରୀ, ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ, ନାଏବ ସରପଞ୍ଚ ବିଭୁତି ପ୍ରଧାନ, ଟ୍ରଷ୍ଟ ବୋର୍ଡ ସଦସ୍ୟ, ସମସ୍ତ ସେବାୟତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



# ଭୁଷଣ୍ଡେଶ୍ୱର ଶୈବପୀଠରେ 'ମହାନୀଳ ପର୍ବ'



**ଭୋଗରାଇ/ଭୁଷଣ୍ଡେଶ୍ୱର,୧୧।୪ (ସମିସ)** : ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱରଙ୍କ ସାମ୍ବତ୍ସରିକ ଉତ୍ସବ ଚଡ଼କ ପର୍ବର ଦ୍ୱିତୀୟ ଅର୍ଘ୍ୟ ଦିବସରେ 'ମହାନୀଳ ପର୍ବ' ଗୁରୁବାର ଯଥାରୀତି ସମ୍ପନ୍ନ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ଶେଷ ବେକଡା ନୃତ୍ୟ ପରିବେଷଣ ସହିତ ଶ୍ରୀଜୀଉଙ୍କ ଚଡ଼କ ନୀତିକାନ୍ତି ସେବାପୂଜା ସମାପନ ପରେ ପାଟଭକ୍ତ ନାରାୟଣ ସାହୁ ଏବଂ ଶ୍ରୀବେକିଡି ହରେନ୍ଦ୍ର ବାରିକ ମିଳିତ ଭାବେ ଉପବୀତଧାରୀଙ୍କ ଉପରେ ଅର୍ଘ୍ୟ ପାଣି ସିଞ୍ଚନ କରିଥିଲେ। ଶୁକ୍ରବାର ଚଡ଼କ ପର୍ବର ଉଦଯାପନୀ ଉତ୍ସବ ପାଟପର୍ବ ଅନୁଷ୍ଠିତ ହେବ। ଏହି ଶୈବପୀଠରେ ଦୀର୍ଘ ୧୨ ଦିନ ଧରି ଚାଲିବାକୁ ଥିବା ଏହି ଚଡ଼କ ପର୍ବର ତୃତୀୟ ଅର୍ଘ୍ୟ ଦିବସରେ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକ ଅଞ୍ଚଳର ବହୁ ଭକ୍ତ ଉପବୀତ ଧାରଣ କରିଛନ୍ତି ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଭକ୍ତ ଉପବୀତ ଧାରଣ କରିଥିବା ଦେଖିବାକୁ ମିଳିଛି। ଲକ୍ଷାଧିକ ମହିଳା ଓ ପୁରୁଷ ବ୍ରତଚାରୀ ବାବାଙ୍କ ପୂଜାର୍ଚ୍ଚନା ସହିତ ଜଳଲାଗି କରିବା ପାଇଁ ଭୁଷଣ୍ଡେଶ୍ୱର ପୀଠରେ ଭିଡ ଜମାଇଥିଲେ। ଭିଡକୁ ଦୃଷ୍ଟିରେ ରଖି ଶତାଧିକ ବ୍ରାହ୍ମଣ ପଣ୍ଡା ମନ୍ଦିର ପରିସରରେ ପଥର ଶିବଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ସେହି ପଥର ଶିବଲିଙ୍ଗ ଉପରେ ବେଲପତ୍ର, ଫୁଲ ଦେଇ ପୂଜାର୍ଚ୍ଚନା କରିବା ସହିତ କ୍ଷୀର ଓ ପ ଇଡ ପାଣି ଢ଼ାଳି ଆଶିଷ ଭିକ୍ଷା କରିଥିଲେ। ଭିଡକୁ ନିୟନ୍ତ୍ରଣ ପାଇଁ ଭୋଗରାଇ ଥାନା ପକ୍ଷରୁ ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ବେଳେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶତାଧିକ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଥିଲା। ଅପରାହ୍ନରେ ଉପବୀତଧାରୀ ମାନେ ମନ୍ଦିର ପରିସରରେ ଥିବା ନୀଳ ପୋଖରୀରେ ଜଳକ୍ରୀଡା କରିଥିଲା ବେଳେ ସନ୍ଧ୍ୟାରେ ନୀଳ ପୋଖରୀରେ ନୀଳ ଆଳତୀ ହୋଇଥିଲା। ପରେ ପାଟଭକ୍ତଙ୍କ ନିର୍ଦ୍ଦେଶରେ ଉପବୀତଧାରୀ ମାନେ ନୀଳ ପୋଖରୀରୁ ହର ପାର୍ବତୀଙ୍କ ପ୍ରତିଭୂ 'ସ୍ତମ୍ଭି କାଠ' ଉତ୍ତୋଳନ କରିଥିଲେ। 'ସ୍ତମ୍ଭି କାଠ'କୁ ମନ୍ଦିର ପରିସରରେ ରଖି ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀଜୀଉଙ୍କ ଚଡ଼କ ସେବାପୂଜା ପରେ ନେତ୍ରନାଳ ଠାରେ ୧୩ ଜଣ ସ୍ଥାୟୀ ଭକ୍ତ ଶେଷ ବେକଡା ନୃତ୍ୟ ପରିବେଷଣ କରିଥିଲେ। ପରେ ପାଟଭକ୍ତ ଓ ଶ୍ରୀବେକିଡି ମହାଦେବଙ୍କ ସୁଆଙ୍କା ଆଣି ଉପବୀତଧାରୀଙ୍କ ଉପରେ ଅର୍ଘ୍ୟ ପାଣି ସିଞ୍ଚନ କରିଥିଲେ।



ମୁଖ୍ୟ ପୂଜକ ତଥା ସେବାୟତ ଘନଶ୍ୟାମ ପଣ୍ଡା ଓ ଅନୀଲ ପଣ୍ଡା, ପାଟଭକ୍ତ ନାରାୟଣ ସାହୁ, ଦେଉଳିଆ ପିଣ୍ଟୁ ବାରିକ, ଶ୍ରୀବେକିଡି ହରେନ୍ଦ୍ର ବାରିକଙ୍କ ସମେତ ଧରଣୀ ପାତ୍ର, ଶିବରଞ୍ଜନ ସାହୁ, ଅଭିମନ୍ୟୁ ପ୍ରଧାନ, ଧରଣୀ ପାତ୍ର, ଶମ୍ଭୁନାଥ ବାରିକ, ବିଜୟ ବାରିକ, ତ୍ରିଲୋଚନ ବାରିକ, ବ୍ରଜମୋହନ ଡଗରା, ପ୍ରଦୀପ ମଣ୍ଡଳ, ଶଶାଙ୍କ ମହାନ୍ତି, ବୃନ୍ଦାବନ ଖଟୁଆ, ରାମହରି ମାହାନା,ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, କୁମ୍ଭୀରଗଡି ସରପଞ୍ଚ ବର୍ଷା ରାଣୀ ପରିଡ଼ା, ପଞ୍ଚାୟତ ସମିତି ସଦସ୍ୟା ଝରଣା ସାହୁ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ଭବେନ୍ଦ୍ର ସାହୁ, ପୂର୍ବତନ ରସଲପୁର ସରପଞ୍ଚ ନିଶିକାନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସୁଶାନ୍ତ ପଟ୍ଟନାୟକ, ରାକେଶ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଉକ୍ତ ପର୍ବରେ ସମାଜସେବୀ ଗୌତମ ବୁଦ୍ଧ ଦାସ, ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସଙ୍କ ସହିତ ଦେବାଶିଷ ସାମଲ ତାପସ ଜେନା, କାର୍ତ୍ତିକ ଚନ୍ଦ୍ର ଜେନା, ପ୍ରବୀର ଦାସ, ଧର୍ମପଦ ପଣ୍ଡା, ୩୧ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ଦମୟନ୍ତୀ ସାହୁ ଯୋଗଦେଇଥିଲେ।

## ଚନ୍ଦନେଶ୍ୱର ଚଡ଼କ ପର୍ବର ଉଦ୍‌ଯାପନୀ ପାଟପର୍ବ ଆଜି

# ଲୁହାକଣ୍ଟା ଫୋଡ଼ିଥିବା ଦଶନଖୀ ଭକ୍ତଙ୍କ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ

ଭୋଗରାଇ/ଚନ୍ଦନେଶ୍ୱର, ୧୧।୪ (ସମିସ) :



ଭୋଗରାଇ ବ୍ଲକ ହୁଗୁଳି ଠାରେ ଅବସ୍ଥିତ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଆଶୁତୋଷ ବାବା ଚନ୍ଦନେଶ୍ୱର ଜୀଉଙ୍କ ପ୍ରସିଦ୍ଧ ଚଡକ ମେଳାର ଅନ୍ତିମ ଉତ୍ସବ ପାଟପର୍ବ ଶୁକ୍ରବାର ଅନୁଷ୍ଠିତ ହେବ। ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ଚଡ଼କ ପର୍ବର ଅନ୍ତିମ ଦିବସ ହେଉଛି ଭାଇଚାରାର ପର୍ବ ପାଟପର୍ବ। ଏହି ପାଟପର୍ବ ବା ମୁଖ୍ୟ ପର୍ବ କେବଳ ପାରମ୍ପରିକ ଧାର୍ମିକ ରୀତିନୀତି ଅନୁଯାୟୀ ହୋଇଥାଏ ତା'ନୁହଁ, ୧୨ ଦିନ ଧରି ଏକ ସ୍ଥାନ, ଏକ ଭାବନା ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ତଥା ପଡୋଶୀ ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ର ଆଦି ରାଜ୍ୟରୁ ମାନସିକ ରଖି ଉପବୀତ ଧାରଣ କରିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତ ଏହି ପର୍ବର ଶେଷ ଦିବସରେ ପରସ୍ପର ମଧ୍ୟରେ ଭାତୃତ୍ୱ ଓ ବନ୍ଧୁତ୍ୱ ବାର୍ତ୍ତା ପ୍ରଚାର କରିଥାନ୍ତି। ଏହି ଚଡକ ପର୍ବର ମୁଖ୍ୟତଃ ଶେଷ ତିନି ଦିନ ଶିବ-କାମିନା ବିବାହ, ନୀଳପର୍ବ ଓ ଶେଷରେ ମହା ପାଟପର୍ବକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ମହିଳା ପୁରୁଷ ଶ୍ରଦ୍ଧାଳୁ ଏହି ପୀଠରେ ଆସି ପହଞ୍ଚିଥାନ୍ତି। ନୀଳପର୍ବ ପର ଦିନ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ପୂର୍ବ ଦିନ ପାଳିତ ହୋଇଥାଏ ଏହି ପାଟପର୍ବ। ପକ୍ଷ ବ୍ୟାପୀ ବ୍ରତ ଧାରଣର ଶେଷ ଶ୍ରେଷ୍ଠ ଆଧ୍ୟାତ୍ମିକ ଅନୁଷ୍ଠାନ। ସେହି ଦିନ ବ୍ରତାଚାରୀ, ରୋଗୀ, ଯୋଗୀ ମାନଙ୍କ ସହ ମିଳିତ ହୁଅନ୍ତି ହଜାର ହଜାର ତୀର୍ଥଯାତ୍ରୀ, ପର୍ଯ୍ୟଟକ ଓ ସାଧାରଣ ଉତ୍ସବ ପ୍ରେମୀ। ଦୁଇ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଗଢିଉଠେ ଜନ ଗହଳିରେ ପରିପୂର୍ଣ୍ଣ ମନୋରମ ସହର। ମହାଦେବଙ୍କୁ ଶେଷ ଅର୍ଘ୍ୟ ଦେବା ପୂର୍ବରୁ ନାରୀ ଓ ପୁରୁଷ ଭକ୍ତ ଦୁଇ କିଲୋମିଟର ଦୂରରେ ଥିବା ହାକାଣ୍ଡ ପୋଖରୀରେ ସ୍ନାନ ସାରି ମାଳ ଚନ୍ଦନ ବୋଲି ହୁଅନ୍ତି। ପରସ୍ପର ମଧ୍ୟରେ କୋଳା କୋଳି ହୋଇ ବନ୍ଧୁତ୍ୱର ସମ୍ପର୍କ ଯୋଡି ଦିଅନ୍ତି। ଚିହ୍ନା ନ ଥିଲେ ମଧ୍ୟ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥାନ୍ତି। ଚୈତ୍ର ମାସ ଶେଷର ପ୍ରଚଣ୍ଡ ଗୁଳୁଗୁଳିକୁ ପ୍ରତିହତ କରିବା ପାଇଁ ଏହି ମାଳ ଚନ୍ଦନ ପରମ୍ପରା ଚାଲି ଆସିଛି ବୋଲି କୁହାଯାଉଥିଲା ବେଳେ ଅନ୍ୟ କେତେକଙ୍କ ମତରେ ଶିବ ଶଙ୍କର ଭେଦାଭେଦ ରହିତ ସମାନତାର ପ୍ରତୀକ ହୋଇଥିବାରୁ ଭିନ୍ନ ସମ୍ପ୍ରଦାୟ ଓ ଭିନ୍ନ ଭାଷାଭାଷୀ ଭକ୍ତଙ୍କ ମଧ୍ୟରେ ଭାତୃତ୍ୱ ଓ ବନ୍ଧୁତ୍ୱ ସମ୍ପର୍କ ସୃଷ୍ଟି ପାଇଁ ଏହି ମାଳ ଚନ୍ଦନ ପରମ୍ପରା ସୃଷ୍ଟି କରିଛନ୍ତି। ମାଳ ଚନ୍ଦନ ପରେ ଭକ୍ତମାନେ ଭଜନ, କୀର୍ତ୍ତନ, ନର୍ତ୍ତନ ପୂର୍ବକ ହରିବୋଲ ଧ୍ୱନି ଦେଇ ମନ୍ଦିର ପରିକ୍ରମା କରିଥାନ୍ତି। ସେମାନଙ୍କ ମଧ୍ୟରୁ କେତକ ଭକ୍ତ ଭଗବାନ ଶିବଙ୍କୁ ତୋଷ କରିବା ପାଇଁ କଠୋର ସାଧନା ପୂର୍ବକ ନିଜ ଜିହ୍ୱା, ଅଣ୍ଟା, ବାହୁ, ଗୋଡ଼ ଆଦି ଶରୀରର ବିଭିନ୍ନ ଅଂଶରେ ହଜାର ହଜାର ଲୁହା କଣ୍ଟାରେ ଫୋଡି ନାଚି ନାଚି ନିଜର ପରାକାଷ୍ଠା ପ୍ରଦର୍ଶନ କରିଥାନ୍ତି। ଶେଷରେ ଅନ୍ତିମ ଅର୍ଘ୍ୟ ଦାନ ଓ ଶକ୍ତି ସ୍ପର୍ଶ ସହ ଶେଷ ହୁଏ ବର୍ଷକର ଏହି ଚଡକ ମେଳା। ମାତ୍ର ଏହି ମେଳା ଛାଡି ଯାଇଥାଏ ଅନେକ ସ୍ମୃତି। ଏହି ଅଳ୍ପ ଦିନ ମଧ୍ୟରେ ଏକ ସ୍ଥାନରେ ରହୁଥିବା ପୃଥକ ଭାଷା ଭାଷୀ ଭକ୍ତଙ୍କ ମଧ୍ୟରେ ଭାଷା, ଭାବ ଓ ସଂସ୍କୃତିର ଆଦାନ ପ୍ରଦାନ ସମାଜକୁ ବିଭିନ୍ନତା ମଧ୍ୟରେ ଏକତାର ବାର୍ତ୍ତା ବଣ୍ଟନ କରିଥାଏ। ଶୁକ୍ରବାର ପାଟପର୍ବ ଦିବସର ମଧ୍ୟାହ୍ନରେ ପାଟଭକ୍ତ, ଶ୍ରୀବେକିଡି, ଦେଉଳିଆ, ମୌରସି, ଉପ ମୌରସିଙ୍କ ନେତୃତ୍ୱରେ ସମସ୍ତ ସେବାୟତ ଏବଂ ଉପବୀତଧାରୀ ଭକ୍ତ ମାନେ ବାବା ଚନ୍ଦନେଶ୍ୱରଙ୍କ ଚଳନ୍ତି ପ୍ରତିଭୁ ଦଶ ଲକ୍ଷ୍ମୀ ଘଟକୁ ନେଇ ବାଡସରିଷା ଗ୍ରାମ ସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥାନ୍ତି। ସେଠାରେ ବୈଦିକ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ପଣ୍ଡା ମାନେ ହାକାଣ୍ଡ ପୋଖରୀ ପାଣିରେ ପୂଜାର୍ଚ୍ଚନା କରିବା ସହିତ ଦଶ ଲକ୍ଷ୍ମୀ ଘଟକୁ ପୂଜାର୍ଚ୍ଚନା କରିଥାନ୍ତି। ପରେ ବାବାଙ୍କ ଠାରେ ମାନସିକ ରଖି ଉପବୀତ ଧାରଣ ପୂର୍ବକ ବ୍ରତ ରଖିଥିବା ଭକ୍ତ ମାନେ ହାକାଣ୍ଡ ପୋଖରୀ ପାଣିରେ ସ୍ନାନ କରି ପରସ୍ପରକୁ ଫୁଲମାଳ ଦେଇ ଓ ଚନ୍ଦନ ବୋଲି ଆଲିଙ୍ଗନ କରିଥାନ୍ତି। ସେଠାରୁ ଦଶ ଲକ୍ଷ୍ମୀ ଘଟକୁ ଧରି ବାଦ୍ୟର ତାଳେ ତାଳେ ଭକ୍ତ ମାନେ ନାଚି ନାଚି ମନ୍ଦିରକୁ ଫେରିଥାନ୍ତି। ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ହେଉଛି ଦଶନଖୀ ଭକ୍ତମାନେ ଦେହରେ ଶହ ଶହ କଣ୍ଟା ଫୋଡି ନାଚି ନାଚି ପଟୁଆରରେ ସେହି ଶୋଭାଯାତ୍ରାରେ ଆସିଥାନ୍ତି। ଦଶନଖୀ ଭକ୍ତ ଓ ମାନସିକ ଭକ୍ତ ମାନେ ନିଜ ଶରୀରର ବିଭିନ୍ନ ଅଂଶରେ ବିଶେଷ ଭାବେ ଅଣ୍ଟା, ପିଠି, ଜିଭ, ବାହୁ, ଗୋଡ଼ ଆଦିରେ ଲୁହା କଣ୍ଟା ଫୋଡି ଏବଂ କେତେକ ଭକ୍ତ ସେହି ଲୁହା କଣ୍ଟା ଉପରେ ନିଆଁ ଜାଳି ନୃତ୍ୟରତ ଅବସ୍ଥାରେ ଏହି ଯାତ୍ରାଙ୍ଗୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥାନ୍ତି। ଏହାସହିତ ବହୁ ମାନସିକ ଭକ୍ତ ମୁଣ୍ଡରେ ଜ୍ୱଳନ୍ତ ଧୂଣାସରା ମୁଣ୍ଡେଇ ଏହି ଯାତ୍ରାଙ୍ଗୀ ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଏହା କଷ୍ଟକର ସାଧନା ହୋଇଥିଲେ ମଧ୍ୟ ମାନସିକ ପୂରଣ ପାଇଁ ଭକ୍ତମାନେ ଏଭଳି କଷ୍ଟକର ସାଧନା କରି ଆଶୁତୋଷ ବାବା ଚନ୍ଦନେଶ୍ୱରଙ୍କ ଆଶିଷ ଲାଭ କରିଥାନ୍ତି।

# ତେନ୍ତୁଳିଆପଡ଼ାରେ ପଶ୍ଚିମା ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ



ଖଇରା, ୧୧।୪ (ସମିସ): ଖଇରା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ତୁଡିଗଡ଼ିଆ ସଂଲଗ୍ନ ତେନ୍ତୁଳିଆପଡ଼ା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା' ପଶ୍ଚିମାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗୁରୁବାର ଦିନ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇ ଯାଇଛି। ପଣ୍ଡିତ ଦୟାନିଧି ଆଚାର୍ଯ୍ୟ, ଜନାର୍ଦ୍ଦନ ପାଢ଼ୀଙ୍କ ତତ୍ତ୍ୱାବଧାନରେ କଳସ ପୂଜା, ଚଣ୍ଡୀପାଠ ସହିତ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ମାରୱାଡି ସମାଜର ଯୁବ ଗୋଷ୍ଠୀ, ଗାଁ ସଭାପତି ରତ୍ନାକର ମାଝୀ, ଲୋଚନ ଘଡେଇ, ଗୟାଧର ଗାହାଣ, ବାପି ମାଝୀ, ରମେଶ ଗୁପ୍ତା, ଲକ୍ଷ୍ମଣ ଧଡା, ଦିପକ ଗାହାଣ, କମଳ ଗୁପ୍ତା, ଗୟାଧର ଘଡେଇ, ଅଭିରାମ ମାଝୀ, ସଞ୍ଜିବ ମାଝୀ ଓ କୈଳାସ ବେହେରା ପ୍ରମୁଖ ପ୍ରତିଷ୍ଠା ଉତ୍ସବ ପାଳନରେ ସହଯୋଗ କରିଥିଲେ।

# ଦେହରେ ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଚୌକି, ୧୧।୪ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତ କାଳେହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜନୈକା ବିବାହିତ ମହିଳା ତାଙ୍କ ବାପ ଘରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଉକ୍ତ ଗ୍ରାମର ବରୁଣ ସାହୁଙ୍କ ପତ୍ନୀ ସରସ୍ୱତୀ ସାହୁ (୨୫) ଜଣେ ମାନସିକ ରୋଗୀ ଅଟନ୍ତି। ବରୁଣ ସ୍ତ୍ରୀଙ୍କୁ କଟକ ମେଡିକାଲରେ ମାନସିକ ରୋଗୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରିଆସୁଥିଲେ। କିଛି ଦିନ ପୂର୍ବେ ସରସ୍ୱତୀ ତାଙ୍କ ବାପ ଘରକୁ ଯିବା ପାଇଁ ଜିଦ୍ ଧରିଥିଲେ। ଫଳରେ ପତ୍ନୀଙ୍କ କଥା ମାନି ବରୁଣ ତାଙ୍କୁ ପଶ୍ଚିମବଙ୍ଗ କାଣ୍ଡ ଗ୍ରାମ ସ୍ଥିତ ସରସ୍ୱତୀଙ୍କ ବାପା ରାମକୃଷ୍ଣ ସାହୁଙ୍କ ବାସଭବନରେ ଛାଡି ଆସିଥିଲେ। ମାତ୍ର ତିନି ଦିନ ପୂର୍ବେ ସରସ୍ୱତୀ ନିଜ ବାପଙ୍କ ଘରେ ଭିତର ପଟୁ କବାଟ ବନ୍ଦ କରି ଦେହରେ କିରୋସିନି ଢ଼ାଳି ନିଜ ଦେହରେ ନିଆଁ ଲଗେଇ ଦେଇଥିବା ବରୁଣ ଜାଣିବାକୁ ପାଇଥିଲେ। ସେ ତୁରନ୍ତ ଶ୍ୱଶୁରଙ୍କ ଘରେ ପହଞ୍ଚିଥିଲେ। ସରସ୍ୱତୀଙ୍କୁ ବଞ୍ଚାଇବା ପାଇଁ କଟକ ବଡ ମେଡିକାଲକୁ ନେଇ ଯାଇଥିଲେ କିନ୍ତୁ ଗତ ବୁଧବାର ଦିନ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିଲା।

# ମଦ ଜବତ, ଦୁଇ ଗିରଫ

ସୋର, ୧୧।୪(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଏବଂ ବିୟର ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଚଢ଼ଉ କରି ୧୬୦୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୨୧୦ ଲିଟର ଦେଶୀମଦ ଜବତ କରି ମନରଞ୍ଜନ ବେହେରାଙ୍କୁ ଗିରଫ କରିଥିଲେ। ସେହିପରି ଶିରାପୁର ଗ୍ରାମରେ ଚଢ଼ାଉ କରି ସୁରେନ୍ଦ୍ର ବେହେରା ନିକଟରୁ ୫.୮୦୦ ଲିଟର ବିୟର ଜବତ କରି ସୁରେନ୍ଦ୍ରଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

# ମା' ତାରିଣୀଙ୍କ ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର, ୧୧।୪ (ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ସାର୍ଥା ଗ୍ରାମରେ ମା ତାରିଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଚୈତ୍ର ମାସ ଶୁକ୍ଳପକ୍ଷ ୨୭ ଦିନରେ ମା'ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଦୀର୍ଘ ବର୍ଷ ଧରି ସାର୍ଥା ଗ୍ରାମରେ ଥିବା ମା ତାରିଣୀ ମନ୍ଦିରରେ ଏହି ଉତ୍ସବ ପାଳନ ହେଉଛି। ଏହି ଅବସରରେ ଆଜି ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭା ଯାତ୍ରାରେ ଯୋଗଦେଇ ସାର୍ଥା ହାଟ ପୋଖରିରୁ ପାଣି ଆଣି ମା'ଙ୍କ ପାଖରେ ପାଣି ଢାଳି ବ୍ରତ ରଖିଥିଲେ। ମନ୍ଦିରର ପ୍ରତିଷ୍ଠାତା ଡକ୍ଟର ଭଗବାନ ଚନ୍ଦ୍ର ସେନାପତି ଏବଂ ତାଙ୍କ ଧର୍ମପତ୍ନୀ ପୁଷ୍ପିତା ଭଦ୍ରା ଆହୁତି ପ୍ରଦାନ କରିଥିବା ବେଳେ ପୂଜାର୍ଚ୍ଚନା ପରେ ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ପୂଜକ ବିକର୍ତ୍ତନ ପାଣିଗ୍ରାହୀ, ଗ୍ରାମବାସୀ ବିଷ୍ଣୁପଦ ମଲ୍ଲିକ, ଦେବାଶିଷ ରଣା, ପରମାନନ୍ଦ ମହାନ୍ତି, କମଳାକାନ୍ତ ମଲ୍ଲିକ, ଶଶିକାନ୍ତ ବେହେରା, ନରେନ୍ଦ୍ରନାଥ ମଲିକ, ଶିବ ପ୍ରସାଦ ମଲ୍ଲିକ, ଆରତୀ ମହାକୁଡ଼, ମଞ୍ଜୁରାଣୀ ମଣ୍ଡଳଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ସୁରୁଖୁ ରେ ସମାପନ ହୋଇ ଥିଲା।

# ସୋରରେ ଇଦ୍ ପର୍ବ ପାଳିତ

ସୋର, ୧୧।୪(ସମିସ): ସୋରରେ ଇଦ ପର୍ବ ଶାନ୍ତିଶୃଙ୍ଖଳାର ସହିତ ମହାସମାରୋହରେ ପାଳନ କରାଯାଉଥିବା ବେଳେ ପୌରପାଳିକା ଅନ୍ତର୍ଗତ ଇଦଘା ପଡ଼ିଆ ଠାରେ ମୁସଲିମ ସମ୍ପ୍ରଦାୟ ତରଫରୁ ଏକ ସମୂହ ନମାଜ ପାଠ ଅନୁଷ୍ଠିତ ହୋଇଥିଲା। ନମାଜ ପାଠ ପରେ ପରସ୍ପରକୁ ଇଦର ଶୁବେଚ୍ଛା ଜଣାଇ ଏହି ପର୍ବକୁ ପାଳନ କରିଥିଲେ। ଏଠାରେ ପଠାଣ ମହଲା ମସଜିଦର ମୌଲାନା ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ। ସେହିପରି ପଠାଣ ମହଲା ଏବଂ କାଜି ମହଲା ମସଜିଦ ରେ ମଧ୍ୟ ନମାଜ ପାଠ କରା ଯାଇଥିଲା। ନମାଜ ପାଠ ସରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଘରକୁ ଯାଇ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିଥିଲେ। ଏଥିରେ ପାର ମହଲା, ପଠାଣ ମହଲା, କାଶୀପୁର, ଖପରା ନାଳ, ଛତ୍ରପୁର, ମୋଦି ନଗର, ଇଟୁଆ ଆଦି ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ନମାଜ ପାଠ କରିଥିଲେ। ସେହିପରି ପାଖର ପଞ୍ଚାୟତ ବେଲପୁର କାନ୍ଠଥଗଡିଆ ଅଞ୍ଚଳର ମୁସଲମାନ ଭାଇ ମାନେ ବେଲପୁର ଇଦଘା ପଡ଼ିଆ ଓ ମସଜିଦରେ ମଧ୍ୟ ନମାଜ ପାଠ କରିଥିଲେ। ଏହି ଇଦ ପର୍ବ ପାଳନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ବନ୍ଦୋବସ୍ତ କରାଯାଇଥିଲା। ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରାଙ୍କ ନେତୃତ୍ୱରେ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କ ସମେତ ସୋର ଥାନାର ସମସ୍ତ ଅଧିକାରୀ ଏବଂ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।



# ଚନ୍ଦନେଶ୍ୱର ଚଡ଼କ ମେଳାରେ ସେବା ଶିବିର ଉଦ୍‌ଘାଟିତ




ଭୋଗରାଇ, ୧୧।୪ (ସମିସ) : ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ଏବଂ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ର ମିଳିତ ଆନୁକୂଲ୍ୟରେ ପୂର୍ବ ଭାରତ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଶୈବପୀଠରେ ଚାଲିଥିବା ଚଡ଼କ ମେଳାରେ ୪ ଦିନିଆ ସ୍ୱତନ୍ତ୍ର ସେବା ଶିବିର ଉଦଘାଟିତ ହୋଇଯାଇଛି। ଆରଆଇଏଚଏସ ଅଧ୍ୟକ୍ଷ ପ୍ରଫେସର କେଦାର ସିଂ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ଯୋଗ ଦେଇ ଚଡ଼କ ମେଳାରେ ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହେଉଥିବା ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଆବଶ୍ୟକ ସେବା ଓ ସହାୟତା ଯୋଗାଇ ଦେବା ପାଇଁ ରୋଭର ଏବଂ ରେଞ୍ଜର ମାନଙ୍କୁ ଆହ୍ୱାନ ଦେଇଥିଲେ। ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ସହିତ ସେବା କାର୍ଯ୍ୟ ଛାତ୍ରଛାତ୍ରୀ ମାନଙ୍କୁ ସଂସ୍କାରୀ ଓ ଶୃଙ୍ଖଳିତ କରେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଡ. ଶ୍ରୀକୁମାର ଘୋଷ, ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବ୍ରଜବିହାରୀ ପତି ପ୍ରମୁଖ ଯୋଗ ଦେଇ ରୋଭର ଓ ରେଞ୍ଜର ମାନଙ୍କୁ ସେବା କାର୍ଯ୍ୟର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଶିବିରକୁ ସଂଯୋଜକ ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା ଓ ରେଞ୍ଜର ଲିଡର ପ୍ରୀତିରାଣୀ ସେଠୀ ପରିଚାଳନା କରିଥିଲା ବେଳେ ରୋଭର ସୁମନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରୋଭର ଓ ରେଞ୍ଜର ମାନେ ଚଡ଼କ ମେଳାରେ ସେବା କାର୍ଯ୍ୟ ଆରମ୍ଭ କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଲେମ୍ବୁପାଣି ଓ ଘୋଳ ଦହି ସରବତ ସହିତ ବତୁରା ବୁଟଛଲା ବଣ୍ଟନ କରିଥିଲେ। ଖରା ଓ ଗୁଳୁଗୁଳିରୁ ସୁରକ୍ଷା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପରେ ପାଣି ସିଞ୍ଚନ କରିବା ସହିତ ଅସୁସ୍ଥ ମାନଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ ଚିକିତ୍ସା ଶିବିରକୁ ଷ୍ଟ୍ରେଚରରେ ବୋହି ନେଇଥିଲେ। ଏହାସହିତ ଅସ୍ଥାୟୀ ଚିକିତ୍ସା ଶିବିରରେ ଡାକ୍ତର ଏବଂ ଟ୍ରାଫିକ ନିୟନ୍ତ୍ରଣରେ ପୁଲିସ କର୍ମଚାରୀମାନଙ୍କୁ ସହଯୋଗ କରିଥିଲେ। ବୁଧବାର ଠାରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବ ବୋଲି ଶିବିରର ସଂଯୋଜକ ଅଧ୍ୟାପକ ଡଃ ଜେନା ସୂଚନା ଦେଇଛନ୍ତି।

# ଅଖିଳ ଭାରତ କୃଷକ ସଭାର ପ୍ରତିଷ୍ଠା ଦିବସ



ଜଳେଶ୍ୱର ବ୍ଲକ, ୧୧।୪ (ସମିସ) : ଅଖିଳ ଭାରତ କୃଷକ ସଭା ଏଆଇକେଏସର ୮୯ ତମ ପ୍ରତିଷ୍ଠା ଦିବସ ଜଳେଶ୍ୱର କୃଷକ ସଭା ଅଫିସରେ ପାଳିତ ହୋଇ ଯାଇଛି।୧୯୩୬ ଏପ୍ରିଲ ୧୧ ତାରିଖରେ ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଦେଇ ଗଢ଼ି ଉଠିଥିଲା ଏହି ସର୍ବ ବୃହତ୍ ସଂଗଠନ। ସେତେବେଳ ର ସ୍ଲୋଗାନ ଥିଲା ବ୍ରିଟିଶ ସାମ୍ରାଜ୍ୟବାଦକୁ ପରାସ୍ତ କର ଚାଷୀ ହାତକୁ ଜମି, ଚାଷୀର ସମସ୍ତ ଋଣ ଛାଡ, ଚାଷୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଋଣ ଯୋଗାଇବା ପ୍ରଭୃତି। ପ୍ରଥମେ କୃଷକ ସଭାର ବ୍ଲକ ସମ୍ପାଦକ ରବୀନ୍ଦ୍ର ବାରିକ ପତକା ଉତୋଳନ କରିଥିଲେ। ଏହାପରେ ଜିଲ୍ଲା ଉପସଭାପତି ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସମ୍ପାଦକ ସିତାଂଶି ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ, ପଲଟୁ ଦାସ, ସନ୍ତୋଷ ଦାସ, ନିରୋଜ ବେହେରା, ଲକ୍ଷ୍ମୀଧର ପୋଲାଇ, ନରେନ୍ଦ୍ର ସିଂ, ଆରତୀ ପୋଲାଇ, ଯତୀନ୍ଦ୍ରନାଥ ସଡ଼ଙ୍ଗୀ, ସବିତା ଭୂୟାଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦରଘା ମୈଦାନରେ ଇଦ୍ ପର୍ବ ପାଳିତ



ଜଳେଶ୍ୱର ବ୍ଲକ, ୧୧।୪ (ସମିସ) : ସାରା ଭାରତ ବର୍ଷରେ ଇସଲାମ ଧର୍ମ ପକ୍ଷରୁ ଇଦ୍ ପର୍ବ ପାଳିତ ହେଉଥିବାବେଳେ ଜଳେଶ୍ୱରର ବିଭିନ୍ନ ଦରଘା ମୈଦାନରେ ସକାଳ ୮ ଟା ୪ ମିନିଟ ରେ ଇଦ ପାଳନ କରାଯାଇଛି। ଜଳେଶ୍ୱରର ଝାଡ଼େଶ୍ୱରପୁର, ଶାସନବାର୍ଡ, ପଞ୍ଚୁଘଣ୍ଟା, ରାଜପୁର, ପଶ୍ଚିମବାର୍ଡ, ପଥର୍ପୁରା ଅଞ୍ଚଳର ଧର୍ମାବଲମ୍ବୀ ଦୀର୍ଘ ଏକ ମାସର ଉପବାସ ବ୍ରତ ପାଳନ ପରେ ପବିତ୍ର ଇଦ-ଉଲ ଫିତର ଉତ୍ସବ ପାଳନ କରିଛନ୍ତି।

## ଜଳେଶ୍ୱରରେ ବ୍ୟାପକ ମଦ ଓ ନିଶା କାରବାର

# ମୋନା ଜଳେଶ୍ୱର ଶାଖା ପକ୍ଷରୁ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ

ଜଳେଶ୍ୱର ବ୍ଲକ, ୧୧।୪ (ସମିସ) :

ଜଳେଶ୍ୱର ଏକ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ ଅଟେ। ଉକ୍ତ ନିର୍ବାଚନ ମଣ୍ଡଳୀ ୩ ଭାଗରୁ ଅଧିକ ଅଞ୍ଚଳ ପଶ୍ଚିମବଙ୍ଗ ସୀମାନ୍ତକୁ ଲାଗି ରହିଛି। ପୂର୍ବରୁ ଜଳେଶ୍ୱର ଏକ ନିଶାର ଗନ୍ତାଘର ହିସାବରେ ପରିଗଣିତ ହୋଇଅଛି। ନାମକୁ ମାତ୍ର ଚଢ଼ାଉ ଏବଂ ଧରପଗଡ଼ ନିଶା ବେପାରୀ ମାନଙ୍କର ବେଧଡକ ଚୋରା କାରବାର ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ। ପରନ୍ତୁ ଚୋରା ଦେଶୀ ଓ ବିଦେଶୀ ମଦ, ବ୍ରାଉନସୁଗାର, ଗଞ୍ଜେଇ ଇତ୍ୟାଦି ବିଭିନ୍ନ ପାନ ଦୋକାନ ଏବଂ ଗାଁ ଗାଁ ରେ ଅବାଧରେ ବିକ୍ରୟ ହେଉଛି। ଯାହାର ପ୍ରଭାବ ନିର୍ବାଚନରେ ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରିବାରେ ସହାୟକ ହେବ। ଜଳେଶ୍ୱରରେ ଅବସ୍ଥାପିତ ଅବକାରୀ ଥାନା ଅବକାରୀ ସାଟେଲାଇଟ ପ୍ରଭୃତି ସଂସ୍ଥା ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ନାମରେ ଲୋକଙ୍କର ଦୃଷ୍ଟିକୁ ଭ୍ରମିତ କରିବା ପାଇଁ ମୁଷ୍ଟିମେୟ ଚୋରା ନିଶା ବେପାରୀ ମାନଙ୍କ ପାଖରେ ପହଞ୍ଚାଇବାରେ ସକ୍ଷମ ହେଉଛନ୍ତି। ଚଢ଼ାଉ ନାମରେ ଲୋକଙ୍କୁ ଭ୍ରମିତ କରାଯାଉଛି। ପଶ୍ଚିମ ବଙ୍ଗର ନୟାଗ୍ରାମ ଏବଂ ଦାନ୍ତୁନ ତଥା ଗୋପିବଲ୍ଲଭପୁର ପ୍ରଭୃତି ଅଞ୍ଚଳରୁ ବ୍ୟାପକ ଚୋରା ଦେଶୀ, ବିଦେଶୀ ମଦ ଜଳେଶ୍ୱର ଆଖ ପାଖ ଅଞ୍ଚଳରେ ବ୍ୟବସାୟୀ ମାନେ ବ୍ୟବହାର କରି ବ୍ୟାପକ ଫାଇଦା ହାସଲ କରୁଛନ୍ତି। ଯାହା ଫଳରେ ଜଳେଶ୍ୱର ଅଞ୍ଚଳରେ ଲୋକଙ୍କ ଉପରେ ଏହାର ବ୍ୟାପକ କୁପ୍ରଭାବ ପଡ଼ିବା ସହିତ ନିର୍ବାଚନକୁ ମଧ୍ୟ ଏହା ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅବକାରୀ ସାଟେଲାଇଟ ଏବଂ ଅବକାରୀ ଥାନାର ପର୍ଯ୍ୟାପ୍ତ କର୍ମଚାରୀ ଓ ଗାଡ଼ିର ବ୍ୟବସ୍ଥା ନ ଥିବାରୁ ସବୁ କ୍ଷେତ୍ରରେ ନଜର ରଖିବା ସମ୍ଭବ ହେଉନାହିଁ। ଏହା ସହିତ କିଛି ଅସାଧୁ ଅବକାରୀ କର୍ମଚାରୀ ଚୋରା ବେପାରୀଙ୍କ ସହିତ ଅସାଧୁ ସମ୍ପର୍କ ରଖି ଅର୍ଥ ରୋଜଗାର କରି ଏଭଳି ଅର୍ଥନୈତିକ କାର୍ଯ୍ୟକୁ ସମର୍ଥନ ଜଣାଇଛନ୍ତି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ସରକାରୀ ବିଦେଶୀ ଠିପି ଖୋଲା ଏବଂ ଠିପି ବନ୍ଦ ଲାଇସେନ୍ସପ୍ରାପ୍ତ ଦୋକାନ ଗୁଡ଼ିକ ସହିତ ଦେଶୀ ଲାଇସେନ୍ସ ପ୍ରାପ୍ତ ଥିବା ବେଳେ ଏଭଳି ବ୍ୟାପକ ଚୋରା ଦେଶୀ, ବିଦେଶୀ ମଦର ବନ୍ୟା, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଭୟ ଏବଂ ଆତଙ୍କର ବାତାବରଣ ସୃଷ୍ଟି କରିଅଛି ଓ ଅବକାରୀ ବିଭାଗକୁ ଚୋରା ମାଦକ ଦ୍ରବ୍ୟ ବ୍ୟବସାୟ ଉପରେ ନିଷେଧାଜ୍ଞା ଜାରି କରିବା ସହିତ ବ୍ୟବସାୟ କରୁଥିବା ଏବଂ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ କଠିନରୁ କଠିନତମ ଦଣ୍ଡ ବିଧାନ ବ୍ୟବସ୍ଥା କରା ଯାଉ ବୋଲି ଏକ ଲିଖିତ ଅଭିଯୋଗ ମିଳିତ ନିଶା ନିବାରଣ ଅଭିଯାନ(ମୋନା) ଓଡ଼ିଶା ଜଳେଶ୍ୱର ଶାଖା ପକ୍ଷରୁ ସଭାପତି କମଳ ଚକ୍ରବର୍ତ୍ତୀ ଓଡ଼ିଶା ନିର୍ବାଚନ ଅଧିକାରୀ, ମୁଖ୍ୟ ଶାସନ ସଚିବ ଓଡ଼ିଶା ସରକାର, ଅବକାରୀ କମିଶନର କଟକ, ଜିଲ୍ଲାପାଳ ବାଲେଶ୍ୱର ଓ ଅବକାରୀ ସୁପରିଟେଣ୍ଡେଣ୍ଟ ବାଲେଶ୍ୱରଙ୍କ ନିକଟକୁ ଏକ ପତ୍ର ଲେଖି ଜଣାଇଛନ୍ତି।

